୬ ଆଇସିସି ମାସିକ ପୁରସ୍କାର ରେସ୍‌ରେ ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୪୦ ● ୬ ମାର୍ଚ୍ଚ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-40 ● 6th March 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24





30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ମାର୍ଚ୍ଚ ୨୦୨୪ ବୁଧବାର





### ।।।।। ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ସମାରୋହ ।।।।।

# ପଞ୍ଚାୟତିରାଜ ବ୍ୟବସ୍ଥା ଉପଯୋଗରେ ଗ୍ରାମ୍ୟ ବିକାଶ ତ୍ୱରାନ୍ୱିତ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଭାରତର ଆତ୍ମା ଗ୍ରାମରେ ଥାଏ । ତେଣୁ ଗ୍ରାମ ବିକାଶ ଓ ଗ୍ରାମ ପଞ୍ଚାୟତକୁ ସଶକ୍ତ କରିବା ଓ ଲୋକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ପୁରୀ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ସମାରୋହ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଉପଯୋଗ କରାଯାଇ ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରାଯାଉଛି ବୋଲି କହିବା ସହ ସମସ୍ତଙ୍କ ସହଯୋଗରେ ପୁରୀ ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ୧୯୪୮ରେ ପଞ୍ଚାୟତିରାଜ ବ୍ୟବସ୍ଥା ଦେଶରେ କରାଯାଇଥିଲା । ଓଡ଼ିଶାରେ ୧୯୬୨ ମସିହାରେ ବିଜୁବାବୁ ଦ୍ୱାରା ଏହାକୁ ପ୍ରଣୟନ କରାଯାଇଥିଲା । ତେବେ ୧୯୯୨ ଆଜିର ଦିବସରେ ବିଜୁବାବୁଙ୍କ ଦ୍ୱାରା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ସହ ପଞ୍ଚାୟତକୁ ଅଧିକ କ୍ଷମତା, ମହିଳା ସଶକ୍ତିକରଣ, ମହିଳା ମାନଙ୍କୁ ଶତକଡ଼ା ୩୩ ଭାଗ ଓ ପରେ ଶତକଡ଼ା ୫୦ ଭାଗ ସଂରକ୍ଷଣର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ପଞ୍ଚାୟତର ବିକାଶ ଓ ଗ୍ରାମମାନଙ୍କରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ପ୍ରିୟ ରଞ୍ଜନ ପୃଷ୍ଟି ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଗୋପୀନାଥ କୁଅଁର, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଓ ଲୋକ ସେବା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ପଞ୍ଚାୟତ ପ୍ରତିନିଧିମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ସୂଚନା ଦେଇଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା । ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପଞ୍ଚାୟତ ଲୋକ ପ୍ରତିନିଧି, ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରତିମୂର୍ତ୍ତି:ଜୟନ୍ତୀରେ ମନେପଡ଼ନ୍ତି ବିଜୁବାବୁ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ବରପଡା ୩ ମୁହାଣୀ ନିକଟରେ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କେବଳ ଜୟନ୍ତୀରେ ବିଜୁବାବୁ ମନେପଡନ୍ତି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ଗତ ୧୯୯୯ ମସିହା ଏପ୍ରିଲ ୪ ତାରିଖ ଦିନ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ବରପଡା ତିନିମୁହାଣୀ ଛକ ନିକଟରେ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପ୍ରାକ୍ତନ ଜଳ ସମ୍ପଦ ମନ୍ତ୍ରୀ ବିଜୟ କୁମାର ମହାପାତ୍ର, ସାଂସଦ ଭର୍ତ୍ତୃହରି ମହତାବ, ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଦୀପ ମହାରଥି, ଅମର ଶତପଥି, ପ୍ରାକ୍ତନ ସାଂସଦ ପ୍ରଭାତ ସାମନ୍ତରା ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଏହି ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ । ଏହି ପ୍ରତିମୂର୍ତ୍ତିଟି ଓଡ଼ିଶାର ପ୍ରଥମ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ବୋଲି ସାଧାରଣରେ କୁହାଯାଉଛି । ଏପରିକି ଏହି ପ୍ରତିମୂର୍ତ୍ତି ଚତୁପାର୍ଶ୍ୱରେ ଅଳିଆ ଆବର୍ଜନା ଭରି ରହିଥିଲା ବେଳେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଚଢେଇମାନେ ମଳ ତ୍ୟାଗ କରିଥିବାର ଦେଖିବାକୁ ମିଳିଛି । ଏପରିକି ବିଜୁବାବୁଙ୍କ ପ୍ରତିମୂର୍ତ୍ତିକି ଲାଗି ନିର୍ମାଣ କରାଯାଇଥିବା ଗୃହଟି ଏବେ ଉଡାସୂତ୍ରରେ ଲାଗିଛି । ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ପୁନରୁଦ୍ଧାର ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ପ୍ରତିବର୍ଷ ବିଜୁବାବୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ନେତାମାନେ ନିଜର ପତିଆରା ଜାହିର କରିବା ନିମନ୍ତେ ଆସିଥାନ୍ତି । ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଲମ୍ବା ଚଉଡା ଭାଷଣ ଦେଇ ଚାଲିଯାଇଥାନ୍ତି । କିନ୍ତୁ ପ୍ରଶାସନର ଆଢୁଆଳରେ ଏହି ପ୍ରତିମୂର୍ତ୍ତି ରହିଥିବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବରିଷ୍ଠ ବିଜେଡି ନେତା ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏହି ଅଭିଯୋଗକୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ସରକାରୀ ସହାୟତା ନମିଳିଲେ ସେ ଭିକ୍ଷାବୃତ୍ତି କରି ମୂର୍ତ୍ତିର ପୁନରୁଦ୍ଧାର କରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ମଶା ବଂଶ ଲୋପ ପାଇଁ ଗାମ୍ବୁସିଆ ମାଛ ପ୍ରଜନନ କେନ୍ଦ୍ର ଖୋଲିଲା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଶା ବଂଶର ଲୋପ କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗାମ୍ବୁଶିଆ ମାଛ ଚାଷ ପ୍ରଜନନ କେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ଓ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଅସିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ଟାଙ୍କିରେ କିଛି ଗାମ୍ବୁଶିଆ ମାଛ ଜାଁଆଳ ଛାଡ଼ି ପ୍ରଜନନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ପ୍ରାକୃତିକ ପ୍ରଣାଳୀରେ ମଶା ବଂଶ ଦମନ ପାଇଁ ଏହି ମାଛ ବ୍ୟବହାର କରାଯାଏ । ଏହି ମାଛ ମଶାର ଲାର୍ଭା ଖାଇଥାଏ । ମଧୁର ପାଣି ଓ ଲବଣାକ୍ତ ପାଣିରେ ଏହି ମାଛ ବଞ୍ଚିଥାଏ । ଏହି ମାଛ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି । ଅଣ୍ଡିରା ମାଛ ୪ ରୁ ୫ ସେଣ୍ଟିମିଟର ଓ ମାଈ ମାଛ ୬ ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ ବଢ଼ିଥାଏ । ମାଈ ମାଛ ୩ ରୁ ୬ ମାସ ମଧ୍ୟରେ ପ୍ରଜନନ କରେ ଓ ବର୍ଷକୁ ୨ ରୁ ୩ ଥର ଛୁଆ ଦିଏ । ଏହି ମାଛ ଦିନକୁ ହାରାହାରି ଶହେରୁ ତିନିଶହ ମଶା ଲାର୍ଭା ଖାଇଥାଏ । ସାଧାରଣତଃ ପାଣିର ଉପର ସ୍ତରରେ ଥିବା ଖାଦ୍ୟ ଏହି ମାଛ ଖାଇଥାଏ । ଏହି ମାଛ ଖାଦ୍ୟ ଉପଯୋଗୀ ନୁହେଁ । ମ୍ୟାଲେରିଆ ଓ ଫାଇଲେରିଆ ରୋଗର ନିୟନ୍ତ୍ରଣ ପାଇଁ ବର୍ଷ ସାରା ପାଣି ଜମି ରହୁଥିବା ସ୍ଥାନରେ ଏହି ମାଛକୁ ଛଡ଼ାଗଲେ ମଶାର ଲାର୍ଭକୁ ଖାଇ ମଶା ବଂଶ ଲୋପ କରିଥାଏ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ଗାମ୍ବୁସିଆ ମାଛ ପ୍ରଜନନ କରାଯାଇ ଜିଲ୍ଲାର ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯିବା ସହିତ ଗାଁ ଗହଳିରେ ଜମି ରହୁଥିବା ପାଣିରେ ଛାଡ଼ିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ ।

## ନଳକୂପ ବସାଇବା ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧିନ ବାଲିସାହି ଗ୍ରାମରେ ନଳକୂପ ବସାଇବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଗ୍ରାମରେ ୧୨୦ଟି ପରିବାର ବସବାସ କରୁଥିବା ବେଳେ ମାତ୍ର ଯୋଡିଏ ନଳକୂପ କାର୍ଯ୍ୟକ୍ଷମ ରହିଛି । ଫଳରେ ଗ୍ରାମବାସୀ ମାନେ ପିଇବା ପାଣି ପାଇବା ପାଇଁ ଏହି ନଳକୂପ ଉପରେ ନିର୍ଭର କରୁଥିବା ବେଳେ ତାହା ସମସ୍ତ ପରିବାରକୁ ପର୍ଯ୍ୟାପ୍ତ ପାଣି ଯୋଗାଇ ପାରୁନାହିଁ । ଫଳରେ ପାଣି ପାଇଁ ଗ୍ରାମର ମହିଳାମାନେ ବାଲ୍ଟି, ଗରା ଆଦି ଧରି ନଳକୂପ ପାଖରେ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିବା ବେଳେ ପର୍ଯ୍ୟାପ୍ତ ପିଇବା ପାଣି ପାଇପାରୁ ନାହାଁନ୍ତି । ଗ୍ରାମାବସୀଙ୍କ ଜଳ କଷ୍ଟ ଦୂର କରିବା ପାଇଁ ଆଉ ଗୋଟିଏ ନଳକୂପ ବସାଇବାକୁ ଦୋଳ ଗୋବିନ୍ଦ ଦାସ, ଜ୍ଞାନେନ୍ଦ୍ର ଦାସ, ଦିବାକର ମଳିକ, ସୁଶାନ୍ତ କୁମାର ଦାସ, ତ୍ରିଲୋଚନ ମଲ୍ଲିକ, ଭଜହରି ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସୁନଗଡ଼ିଆ ହତ୍ୟା ଘଟଣାରେ ରାସ୍ତା ରୋକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବାରିପଦା ସହର ସୁନଡିଆ ଠାରେ ରାମ ମୁ ନାମକ ଜଣେ ଯୁବକକୁ ପିଟିପିଟି ହତ୍ୟା କରାଯାଇଥିଲା । ତେବେ ହତ୍ୟା ଘଟଣାରେ ଜଡିତ ଆସାମୀମାନଙ୍କୁ ଯଥାଶୀଘ୍ର ଗିରଫ ଦାବିରେ ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ ମୃତଙ୍କ ପରିଜନ । ଅନ୍ୟ ପଟେ ଉକ୍ତ ଘଟଣାରେ ପୋଲିସର ସମ୍ପୂର୍ଣ୍ଣ ଅବହେଳାକୁ ଦାୟି କରିଛନ୍ତି ପରିବାରବର୍ଗ । ଏହି ଘଟଣାର ମୃତକଙ୍କ ପରିବାରରୁ ୨ ଜଣଙ୍କୁ ଗିରଫ କରିବା ସହ ପୋଲିସ ପକ୍ଷରୁ ଥାନାରେ ନିସ୍ଠୁକ ମାଡ଼ମାରିଥିବା କଥା କହିଛନ୍ତି ତାଙ୍କ ଭଉଣୀ । ପୁଣି ତାଙ୍କ କହିବା ଅନୁଯାୟୀ ପୋଲିସ ହତ୍ୟାକାରୀକୁ ଗିରଫ ନକରି ନିର୍ଦ୍ଦୋଷ ଲୋକମାନଙ୍କୁ ଗିରଫ କରୁଛି । ଏହାର ପ୍ରତିବାଦରେ ମୃତକଙ୍କ ପରିଜନ ଦୀର୍ଘ ଘଣ୍ଟା ଧରି ବାରିପଦା ଟାଉନ୍ ଥାନା ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ତେବେ ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ବୁଝାସୁଝା ପରେ ରାସ୍ତା ରୋକ୍ ହଟିଥିଲା ।

## ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଗୁରୁତ୍ୱ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ସ୍ଥିତ ଫକୀରପୁର ଗ୍ରାମରେ ନେକ୍ସଟ ଇଣ୍ଡିଆ ଜୋର୍ନାଲ ତରଫରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି । ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଏହି ଦିବସ ପାଳନ ସହିତ ବୃକ୍ଷ ରୋପଣ କରାଯାଇଥିଲା । ଜୋର୍ନାଲର ସମ୍ପାଦକ ତ୍ରିଲୋଚନ ସାହୁ ପରିବେଶ ସୁରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜିତ ନାୟକ, ମନୋଜ କୁମାର ସାହୁ, ଦେବାନନ୍ଦ ଦେହୁରୀ, ମହେଶ୍ୱର ସାହୁ, ନାରାୟଣ ଦେହୁରୀ, ସଞ୍ଜୟ କୁମାର ଓଝା, ରାଜକିଶୋର ବାରିକ, ପ୍ରସନ୍ନ ନାହାକ, ରବି ନାରାୟଣ ନାହାକ, ପ୍ରଦୀପ କୁମାର ରାମ ଏବଂ ନେକ୍ସଟ ଇଣ୍ଡିଆ ଟ୍ରଷ୍ଟର ସଦସ୍ୟ ଆଦି ଯୋଗଦେଇ ବୃକ୍ଷ ରୋପଣ କରିବାରେ ସହଯୋଗ କରିଥିଲେ । ଆୟୋଜକ ତ୍ରିଲୋଚନ ସାହୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଏବଂ ପରିବେଶ ସୁରକ୍ଷା ଉପରେ ଆଗକୁ ଆହୁରି ସୁଦୂର ପ୍ରସାରି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ ।




### ।।।।।।।।।।।।।।।। ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ।।।।।।।।।।।।।।।।

# 'କବିତା ମୃତ୍ୟୁ ମୁଖରୁ ପ୍ରାଣକୁ ଛଡ଼ାଇ ଆଣିବାରେ ଶକ୍ତି ସୃଷ୍ଟି କରେ'

**କଟକ, ନ୍ୟୁଜ୍ ବ୍ୟୁରୋ**



ସାରସ୍ୱତ ଅନୁଷ୍ଠାନ ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଓ ଆଲୋଚନା ଚକ୍ର ଚାଉଳିଆଗଞ୍ଜ ସ୍ଥିତ ଉତ୍କଳମଣି ଉଚ୍ଚଶିକ୍ଷା ମନ୍ଦିର ପରିଷରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପଣ୍ଡିତ ଡ. ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ଉଦ୍‌ଘାଟକ ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ପତିତପାବନ ମହାପାତ୍ର, ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ବରେଣ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ କବିତା ମୃତ୍ୟୁ ମୁଖରୁ ପ୍ରାଣକୁ ଛଡାଇ ଆଣିବାର ଶକ୍ତି ସୃଷ୍ଟି କରିପାରେ ବୋଲି କହିଥିଲେ । କବୟତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ସନ୍ଧ୍ୟା ଶତପଥୀଙ୍କ ସଂଯୋଜନାରେ ଚିନ୍ମୟୀ ଆଚାର୍ଯ୍ୟ, ସୁକାନ୍ତି ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ଡ. ବସନ୍ତ କୁମାରୀ ନନ୍ଦ, ରଘୁନାଥ ତ୍ରିପାଠୀ, ଲୋକନାଥ ସେଠୀ, ସଚ୍ଚିଦାନନ୍ଦ କର, କମଳାକାନ୍ତ ନାୟକ, ବିଧୁଭୁଷଣ ମହାନ୍ତି, ନଳିନୀପ୍ରଭା ଦାଶ, ସ୍ନେହଲତା ଦ୍ୱିବେଦୀ, ରାଜୀବ କୁମାର ଷଡଙ୍ଗୀ, ବାବାଜୀ ଚରଣ ଲେଙ୍କା, ବସନ୍ତ କୁମାର ସାହୁ, ଦେବେନ୍ଦ୍ର ନାଥ ସାହୁ, ରାଜକିଶୋର ସ୍ୱାଇଁ, ଚୈତନ୍ୟ କୁମାର ରାଉତ, ସନ୍ତୋଷ କୁମାର ପଣ୍ଡା, ପ୍ରଦୀପ ରଞ୍ଜନ ମିଶ୍ର, ପ୍ରତାପଚନ୍ଦ୍ର ବେହେରା, ନିରୁପମା ସାହୁ, ବାବାଜୀ ଚରଣ ଲେଙ୍କା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ତପନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ୭ମ ଏଚଆର କନ୍‌କ୍ଲେଭ-୨୦୨୪

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଶ୍ରୀ ବିଶ୍ୱ ବିଦ୍ୟାଳୟରେ ୭ମ ଏଚଆର କନ୍‌କ୍ଲେଭ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ସହ ଚିନ୍ତାଧାରା ସୃଷ୍ଟି କରୁଥିବା ଆଲୋଚନାକୁ ଶକ୍ତି ଯୋଗାଇଥାଏ ଏବଂ ମାନବ ସମ୍ବଳର ଚିରସ୍ଥାୟୀ ଦୃଶ୍ୟପଟ୍ଟ ବିଷୟରେ ଉନ୍ମୋଚନ କରିଥାଏ । ଏଫଏମଏସ ଅଧ୍ୟାପିକା ଡକ୍ଟର ଡି.ପି ସାହୁ ଏବଂ ଡକ୍ଟର ନମିତା ରଥଙ୍କ ସମ୍ମାନଜନକ ସମ୍ମିଳନୀରେ, ଚଳିତ ବର୍ଷର ଏଚଆର କନ୍‌କ୍ଲେଭ ଏଚଆର ବ୍ୟବସାୟ ସହଭାଗୀତାର ଜଟିଳ ଗତିଶୀଳତା ଏବଂ ସମସାମୟିକ ସାଂଗଠନିକ ସେଟିଂରେ ଏହାର ମହତ୍ତ୍ୱପୂର୍ଣ୍ଣ ମହତ୍ତ୍ୱକୁ ଉତ୍ସାହିତ କରିବାକୁ ଇଚ୍ଛା କରିଥାଏ । ପ୍ରଫେସର ଡି.ଡି.ସ୍ୱନେ, ଡିନ୍, ମ୍ୟାନେଜମେଣ୍ଟ ଷ୍ଟଡିଜ ଅଧ୍ୟାପକଙ୍କ ଦ୍ୱାରା ଥିମ୍‌ର ପରିଚୟ ସହିତ ଏହି ଦିନ ଆରମ୍ଭ ହୋଇଥିଲା । ଯିଏ ଅଧିବେଶନକୁ ଗଭୀର ଅନ୍ତର୍ନିହିତ ଏବଂ ଧନ୍ୟବାଦ ଅର୍ପଣ ସହିତ ସମାପ୍ତ କରିଥିଲେ । ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡର ଏଚଆର ନିର୍ଦ୍ଦେଶକ ଆଲୋକ କୁମାର ପାଲ ଉଦ୍ଘାଟନୀ ଅଧିବେଶନକୁ ମୁଖ୍ୟ ଅତିଥି ଭାବରେ ଗ୍ରହଣ କରି ସାଙ୍ଗଠନିକ ପରିବର୍ତ୍ତନ ପାଇଁ ଆଭ୍ୟନ୍ତରୀଣ ପରାମର୍ଶ, ପ୍ରତିଭା ଅର୍ଜନ ଏବଂ ନେତୃତ୍ୱ ପାଇପ୍ ଲାଇନ୍‌ରେ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସମୟ, ଆର୍ଥିକ ଏବଂ ସାମାଜିକ ପ୍ରଭାବର ନ୍ୟାୟପୂର୍ଣ୍ଣ ପରିଚାଳନା ଉପରେ ଗୁରୁତ୍ୱ ଦେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏକାଡେମିକ ଆଣ୍ଡ ରିସର୍ଚ୍ଚ ଏକ୍ସଟେନ୍ସନର ଡିନ୍ ଡକ୍ଟର ଅନୀଲ କୁମାର ଶର୍ମା ପରିଚାଳନା ପାଇଁ ଏକ ସାମଗ୍ରିକ ଉପାୟ ଅବଲମ୍ବନ କରିଥିଲେ । ପ୍ରଫେସନାଲ ମାନଙ୍କ ପାଇଁ ସର୍ବଦା ବିକଶିତ ଟେକ୍ନୋଲୋଜି ଶିଳ୍ପରେ ବ୍ୟବହାରିକ ଆକ୍ୟୁମେନ ସହିତ ତତ୍ତ୍ୱଗତ ଢାଞ୍ଚାଗୁଡ଼ିକୁ ମିଶ୍ରଣ କରିବା ଏକାନ୍ତ ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି । ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ଭିପି ଆଣ୍ଡ ହେଡ ଏଚଆର ତଥା ମୁଖ୍ୟ ବିବିଧତା ଅଧିକାରୀ ସତୀଶ ମହାପାତ୍ର ବୈଦ୍ୟୁତିକ ଯାନ ଏବଂ ଭାରତୀୟ ବଜାର ଉପରେ ଧ୍ୟାନ ଦେଇ ପରିବର୍ତ୍ତିତ ଅଟୋମୋବାଇଲ ଶିଳ୍ପ ସହିତ ଖାପ ଖୁଆଇବାର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି ।

## ନିର୍ବାଚନ ମୁକାବିଲା ପାଇଁ ତେଲକୋଇ ବିଜେପି କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ




**କେନ୍ଦୁଝର, ନ୍ୟୁଜ୍**

ତେଲକୋଇ ବିଧାନସଭା କ୍ଷେତ୍ରର ବିଜେପି ଦଳ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଠାରେ ଲାଭାର୍ଥୀ ସମ୍ପର୍କ ଅଭିଯାନ କର୍ମଶାଳା ସହ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ତଥା ପୂର୍ବତନ ଜାତୀୟ ଜନଜାତି ଆୟୋଗର ଉପାଧକ୍ଷ ଅନନ୍ତ ନାୟକ ଯୋଗଦେଇଥିଲେ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ବରିଷ୍ଠ ପଦାଧିକାରୀମାନେ ତେଲକୋଇ ବିଧାନସଭା କ୍ଷେତ୍ରର ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ । କେନ୍ଦ୍ର ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାରୁ ଅଞ୍ଚଳବାସୀ କିଭଳି ଲାଭ ପାଉଛନ୍ତି ସେ ସମ୍ପର୍କରେ ଲାଭାର୍ଥୀ ମାନଙ୍କୁ ସଚେତନ କରାଇବା ଲାଭାର୍ଥୀ ସମ୍ପର୍କ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ । ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ତଥା ଲୋକସଭା ସଂଯୋଜକ ଶୁକଦେବ ମହାନ୍ତ, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଏବଂ ଲାଭାର୍ଥୀ ସମ୍ପର୍କ ଅଭିଯାନର ଜିଲ୍ଲା ସଂଯୋଜିକା ଚପଳା ମହାକୁଡ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କୈଳାସ ନାୟକ, ଜିଲ୍ଲା ସମ୍ପାଦକ ମାନସ ନାଏକ, ତେଲକୋଇ ବିଧାନସଭା ପ୍ରଭାରୀ ରାଜେଶ କୁମାର ସିଂହ, ତେଲକୋଇ ବିଧାନସଭା ବିସ୍ତାରକ ସଞ୍ଜୟ ବାରିକ, ୧୯ ନମ୍ବର ଜିଲ୍ଲା ପରିଷଦ ଛଇଳବାଳା ନାୟକ ଯୋଗଦେଇଥିଲେ ଏବଂ ବୈଠକକୁ ବିଧାନସଭା ସଂଯୋଜକ ଉଦୟ ସାହୁ ସଂଯୋଜନା କରିଥିଲେ । ଏହି ବିଶେଷ ବୈଠକରେ ତେଲକୋଇ ନିର୍ବାଚନ ମଣ୍ଡଳୀର ସାତଟି ମଣ୍ଡଳର ସଭାପତି, ଦୁଇ ସଧାରଣ ସମ୍ପାଦକ, ପ୍ରଭାରୀ, ସମସ୍ତ ମଣ୍ଡଳ ମୋର୍ଚ୍ଚା ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ ଓ ଲାଭାର୍ଥୀ ମଣ୍ଡଳ ସଂଯୋଜକ ଏବଂ ସହ ସଂଯୋଜକଙ୍କ ସମେତ ପ୍ରାୟ ୧୫୦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ।।।।। ଲେଖକ ସାମ୍ମୁଖ୍ୟର ମାସିକ ଆଲୋଚନା ଚକ୍ର ।।।।।

# ମନୋଜ ଦାସଙ୍କ ସାରସ୍ୱତ କୃତୀ ବିଶ୍ୱ ଦରବାରରେ ଆଦୃତ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମନୋଜ ଦାସ ଥିଲେ ଜଣେ ଯୋଗଜନ୍ମା ସାହିତ୍ୟିକ । ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରି ସେ ସୃଷ୍ଟି କରିପାରିଛନ୍ତି ବିଶ୍ୱବିଖ୍ୟାତ କାଳଜୟୀ ସାହିତ୍ୟ । ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଆଲୋଚନା, ଜୀବନସ୍ମୃତି, ସ୍ତମ୍ଭ ରଚନା ତଥା ଆଧ୍ୟାତ୍ମିକ ସାହିତ୍ୟରେ ତାଙ୍କର ଥିଲା ପାରଦର୍ଶିତା । ମଣିଷ ଜୀବନର ସୂକ୍ଷ୍ମ ଚେତନାକୁ ସ୍ପର୍ଶ କରି ଯାଦୁକରୀ ରଚନାରେ ସେ ଥିଲେ ସିଦ୍ଧହସ୍ତ ବୋଲି ଲେଖକ ସାମ୍ମୁଖ୍ୟର ମାସିକ ଆଲୋଚନା ଚକ୍ରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଲେଖକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କର ଅଧ୍ୟକ୍ଷତାରେ ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ପୌରୁଷର ସମ୍ପାଦକ ଅସିତ ମହାନ୍ତି ମନୋଜ ଦାସଙ୍କ ସହ ତାଙ୍କର ସାକ୍ଷାତକାରର ବିବରଣୀ ପ୍ରଦାନ କରି କହିଲେ ଯେ ମନୋଜ ଦାସ ଥିଲେ ଜଣେ ବିଚକ୍ଷଣ ବକ୍ତା ଓ ସମ୍ବେଦନଶୀଳ ସାହିତ୍ୟିକ । ତାଙ୍କ ରଚିତ ସ୍ତମ୍ଭ ମାଧ୍ୟମରେ ସେ ବହୁ ତଥ୍ୟ ଲୋକଲୋଚନକୁ ଆଣିଥିଲେ । ସମ୍ମାନିତ ବକ୍ତା ପୀତବାସ ରାଉତରାୟ ମନୋଜ ଦାସଙ୍କ ବ୍ୟଙ୍ଗ ଗଳ୍ପମାନଙ୍କର ଉଦାହରଣ ଦେଇ ଜୀବନ ପ୍ରତି ମନୋଜ ଦାସଙ୍କ ତୀର୍ଯ୍ୟକ ଭଙ୍ଗୀ ସମ୍ପର୍କରେ ଆଲୋକପାତ କରିଥିଲେ । ଲେଖିକା ମିନତୀ ଷଡ଼ଙ୍ଗୀ ମନୋଜଙ୍କ କବିତାର ସମୀକ୍ଷା କରିଥିଲେ ଓ ସାହିତ୍ୟିକା ସୁନନ୍ଦା ପ୍ରଧାନ ମନୋଜ ଦାସଙ୍କ ସ୍ମୃତିଚାରଣ କରିଥିଲେ । ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ମନୋଜ ଦାସ କେବଳ ନିରୋଳା ସାହିତ୍ୟ ନୁହେଁ ଆଧ୍ୟାତ୍ମିକ ସାହିତ୍ୟରେ ବିଶ୍ୱପ୍ରସିଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । ସଭ୍ୟ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଲେଖକ ସାମ୍ମୁଖ୍ୟର ସଭାପତି ସାତକଡ଼ି ହୋତାଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୬।୩।୨୦୨୪, ଫାଲ୍ଗୁନ ଦ୨୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୬।୦୩।୧୮ ଚନ୍ଦ୍ରୋଦୟ- ରାଘ ୩।୩୨।୫୩**

ଦଶମୀ – ପ୍ରାଘ ୬।୩୧, ଏକାଦଶୀ କ୍ଷୟ – ରାଘ ୪।୧୪ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର – ଦିଘ ୨।୫୧ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର – ରାଘ ୮।୨୭ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୮।୨୭ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୮।୨୭ ପରେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ୍ବ ଶାଗ ପ୍ରାଘ ୬।୩୧ ଗତେ ଶିମ୍ବ ରାଘ ୪।୧୪ ଗତେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୦୬।୦୬ ଗତେ ଘ ୭।୪୦ ମଧ୍ୟେ । ଦିଘ ୧।୫୬ ଗତେ ଘ ୫।୦୨ ମଧ୍ୟେ । **ପର୍ବୋତ୍ସବ –** ବିଜୟା ବା ପଙ୍କୋଦ୍ଧାର ଏକାଦଶୀ, ଶରଣ ପଞ୍ଚକାରମ୍ଭ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ ।



**ମେଷ:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଅଟକି ରହିଥିବା କାମ ଆରମ୍ଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଶରୀର ସୁସ୍ଥ ରହିବ ।



**ବୃଷ:** ଧର୍ମ ମାର୍ଗରେ ମନୋନିବେଶ କରିବେ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ରୋଜଗାରରେ ଉନ୍ନତି ଦେଖାଦେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଦୂରକୁ ଯାତ୍ରା କରିପାରନ୍ତି ।



**କର୍କଟ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ସିଂହ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ଘରେ ଆନନ୍ଦ ଦେଖାଦେବ ।



**କନ୍ୟା:** ଯଶସ୍ୱୀ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଶ୍ରେୟସ୍କର । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ ।



**ବିଛା:** ବିବାଦୀୟ ଘଟଣାରେ ଦୂରେଇ ରହିବେ । କର୍ମକ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ସହକର୍ମୀମାନେ ଭୁଲ୍ ବୁଝିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଅଶାନ୍ତି ଓ କଳହ ଦେଖାଦେବ ।



**ଧନୁ:** ମାନସିକ ସ୍ଥିତି ସୁଦୃଢ଼ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ଆୟରେ ଉନ୍ନତି ଦେଖାଦେବ । ହଠାତ୍ କୌଣସି ଶୁଭ ଖବର ପାଇପାରନ୍ତି ।



**ମକର:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦୂର ଯାତ୍ରା କରିପାରନ୍ତି । କଚେରି ମାମଲାରେ ସୁଫଳ ପାଇବେ । ଆୟ ଭଲ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**କୁମ୍ଭ:** ସତ କଥା କହି ଆପଣାର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ବ୍ୟବସାୟ କ୍ଷତିରେ ଚାଲିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବାର ସୂଚନା ।



**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ । ଘରେ ସୁଖ ଶାନ୍ତି ରହିବ ।




## ବାଲେଶ୍ୱର ଜିଲ୍ଲାରେ ୨,୦୯,୭୪୦ ଶିଶୁଙ୍କୁ ପୋଲିଓ ଟିକାକରଣ କରାଯିବ

**ବାଲେଶ୍ୱର, ନ୍ୟୁଜ୍**

ସମଗ୍ର ଜିଲ୍ଲାରେ ଆରମ୍ଭ ହୋଇଛି ପଲ୍ସ ପୋଲିଓ ଟିକାକରଣ ଅଭିଯାନ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ ଦୁଲାଳସେନ ଜଗଦେବ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ । ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍ ଗୁଡିକରେ ଜନ୍ମରୁ ପାଞ୍ଚ ବର୍ଷ ପିଲାମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଜିଲ୍ଲାରେ ୧ ହଜାର ୬୩ କେନ୍ଦ୍ରରେ ୨ ହଜାର ୧୨୯ଟି ଟିମ୍ ଗଠନ କରାଯାଇଛି । ସେହି ଟିମ୍‌ରେ ୪ ହଜାର ୨୫୨ ଜଣ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ ୨୦୯ ଜଣ ସୁପରଭାଇଜର କାର୍ଯ୍ୟକୁ ତଦାରଖ କରିବା ପାଇଁ ପ୍ରସ୍ତୁତି କରାଯାଇଛି । ୪ ଓ ୫ ତାରିଖ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲା ଚିହ୍ନଟ କରି ପିଲାଙ୍କୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନ.ଜି.ଓ ଆଦିଙ୍କୁ ଅଭିଯାନକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ୍ ନପଡନ୍ତି ସେଥିପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରାଯାଇଛି । ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ୨ ଲକ୍ଷ ୯ ହଜାର ୭୪୦ ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ ରଖାଯାଇଛି । ଏହି ଅବସରରେ ଏଡିପିଏଚଓ (ଏଫ.ଡବ୍ଲୁ) ଡ଼. ପରେଶ ଚନ୍ଦ୍ର ନନ୍ଦୀ, ଏଡିପିଏଚଓ (ଭି.ଭି.ଡି) ଡ଼. ରଞ୍ଜନ କୁମାର ନାୟକ, ଏଡିପିଏଚଓ (ଲେପରସି) ଡ଼. ସଂଜୀବ ପ୍ରଧାନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

୬ ଦୁଇ ଦିନରେ ୪ ଖେଳାଳି ଖେଳିବେ ନିଜର ୧୦୦ତମ ଟେଷ୍ଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଫୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୪୦ • ୬ ମାର୍ଚ୍ଚ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-40 • 6th March 2024, Wednesday • Bhubaneswar
Licensed to post without pre-payment of postage No- BN-60/22-24

# ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ: ପ୍ରଧାନମନ୍ତ୍ରୀ

ଚଣ୍ଡିଖୋଲ/ଭୁବନେଶ୍ୱର, ୫।୩
ନ୍ୟୁଜ୍ ବ୍ୟୁରୋ




ଭାରତୀୟ ଅର୍ଥନୀତିକୁ ପ୍ରଧାନମନ୍ତ୍ରୀ ନୂଆ ଗତି ଦେଇଛନ୍ତି । ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇପାରିଛି । ଖୁବ୍ ଶୀଘ୍ର ଏହା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି।

ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ପ୍ରାୟ ୨୦ ହଜାର କୋଟି ଟଙ୍କାର ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରେଳ, ଜାତୀୟ ରାଜପଥ ଆଦି ୧୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ପୁରୀ-ଆନନ୍ଦବିହାର ଟର୍ମିନାଲ୍(ଦିଲ୍ଲୀ) ଏକ୍ସପ୍ରେସ୍ ଟ୍ରେନ୍ କେନ୍ଦୁଝରଗଡ଼ ଷ୍ଟେସନ୍ ଦେଇ ଚାଲିଲା। ଏହାଛଡ଼ା ପାରାଦୀପ- କେନ୍ଦୁଝର ପାସେଞ୍ଜର ଟ୍ରେନ୍‌କୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିଛନ୍ତି।

ଚଣ୍ଡିଖୋଲରେ ଆୟୋଜିତ ଭବ୍ୟ ସମାବେଶରେ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଓଡ଼ିଶାରେ ଆଜି ବିକାଶର ନୂଆ ଧାରା ଆରମ୍ଭ ହୋଇଛି। ଓଡ଼ିଶା ଓ ଦେଶର ବିକାଶ ପାଇଁ ବିଜୁ ବାବୁଙ୍କ ଯୋଗଦାନ ସ୍ମରଣୀୟ ହୋଇ ରହିଛି । ସମଗ୍ର ଦେଶବାସୀଙ୍କ ପକ୍ଷରୁ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଜିର ପ୍ରକଳ୍ପ ଯୋଗୁ ଓଡ଼ିଶାରେ ନୂଆ ରୋଜଗାର ମିଳିବ। ଦେଶରେ ଏବେ ଏମିତି ସରକାର ଚାଲିଛି ଯିଏ ବର୍ତ୍ତମାନ ଓ ଭବିଷ୍ୟତ କଥା ଚିନ୍ତା କରୁଛନ୍ତି। ସରକାର ପୂର୍ବ ଭାରତର ସାମର୍ଥ୍ୟ ବଢାଇ ଚାଲିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଆହୁରି କହିଛନ୍ତି, ପୂର୍ବ ଯୋଜନାରେ ପ୍ରକଳ୍ପ ଠିକ୍ ସମୟରେ ସରୁନଥିଲା। ଆମ ସରକାର ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଗୁରୁତ୍ୱ ଦେଉଛନ୍ତି । ଆମ ସରକାର ପାରାଦୀପ ରିଫାଇନାରୀ କାମ ସାରିଥିଲା। ଓଡ଼ିଶାର ବିକାଶ ପାଇଁ ଆମେ ଗୁରୁତ୍ୱ ଦେଇଆସୁଛୁ। ଓଡ଼ିଶା ରେଳ ବଜେଟ ପ୍ରାୟ ୧୨ ଗୁଣା ବଢାଇଛୁ । ଗଞ୍ଜାମରେ ଲୁଣି ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଶିଳାନ୍ୟାସ ହୋଇଛି । ଲୁଣି ଜଳକୁ ପାନୀୟ *(ପୃଷ୍ଠା ୭ରେ)*

# ବିକାଶ ଆଜି ଓଡ଼ିଶାର ନୂଆ ପରିଚୟ ହୋଇଛି

ଚଣ୍ଡିଖୋଲ, ୫।୩
ନ୍ୟୁଜ୍ ବ୍ୟୁରୋ



ଆଜି ବିକାଶ ସାଜିଛି ନୂଆ ଓଡ଼ିଶାର ପରିଚୟ । ଚଣ୍ଡିଖୋଲ ସଭାରେ ଯୋଗଦେଇ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଣ୍ଡିଖୋଲ ସମାବେଶରେ ୨୦ ହଜାର କୋଟିର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଅବସରରେ ଚଣ୍ଡିଖୋଲ ସଭାରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି ଭାରତୀୟ ଅର୍ଥନୀତିକୁ ପ୍ରଧାନମନ୍ତ୍ରୀ ନୂଆ ଗତି ଦେଇଛନ୍ତି, ଯାହା ପାଇଁ ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇପାରିଛି । ଖୁବ ଶୀଘ୍ର ଏହା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି।

ଏଥି ସହିତ ପ୍ରଧାନମନ୍ତ୍ରୀ ଓଡ଼ିଶାର ବିକାଶକୁ ଗୁରୁତ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କ ବିଷୟରେ କହିଥିଲେ । ଏହି ଅବସରରେ ତାଙ୍କୁ ଆଜି ତାଙ୍କ ଜନ୍ମ ଦିନରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ବିଜୁ ପଟ୍ଟନାୟକ ଦେଶ, ଏପରିକି ବିଦେଶର ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଓଡ଼ିଶାର ଉନ୍ନତି ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ସେ ସାରା ଜୀବନ କାମ କରି ଯାଇଛନ୍ତି । ୧୯୯୦ରେ କଳିଙ୍ଗ ନଗରକୁ ଇଣ୍ଡଷ୍ଟ୍ରିଆଲ ହବ କରିବା ପାଇଁ ବିଜୁ ବାବୁ ଚିନ୍ତା କରିଥିଲେ। ଆଜି କଳିଙ୍ଗ ନଗର ଦେଶର ଷ୍ଟିଲ ହବ ହୋଇପାରିଛି। କେବଳ ଓଡ଼ିଶା ନୁହେଁ, ସାରା ଦେଶ ଏଥିରୁ ଲାଭ ପାଉଛି। ଏହା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଆଜି ଓଡିଶା ପୂର୍ବ ଭାରତର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମିଶନ ଶକ୍ତି ମା’ ମାନେ ଆଜି ଉଦ୍ୟୋଗୀ ହେବାକୁ ଆଗେଇ ଆସୁଛନ୍ତି । ପୁଞ୍ଜିନିବେଶ କ୍ଷେତ୍ରରେ ଓଡିଶା ଆଜି ଦେଶର ଦ୍ୱିତୀୟ ରାଜ୍ୟ ହୋଇପାରିଛି। ମହାପ୍ରଭୁଙ୍କ ଆଶୀର୍ବାଦ ଓ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଶୁଭେଚ୍ଛା ଓ ସହଯୋଗରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ସମଲେଇ ପ୍ରକଳ୍ପ ଲୋକାର୍ପିତ ହୋଇଛି । ମା’ ବିରଜାଙ୍କ ମନ୍ଦିରର ରୂପାନ୍ତର କାମ ଚାଲିଛି। ବିକାଶ ଆଜି ଓଡିଶାର ନୂଆ ପରିଚୟ ହୋଇଛି । ଆଗକୁ ଆହୁରି ଅନେକ କାମ କରିବାକୁ ଅଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ମାଳଦ୍ୱୀପର ନୂଆ ଷଡ଼ଯନ୍ତ୍ର: ଭାରତୀୟ ସେନାଙ୍କୁ ବାହାର କରି ଚୀନ ସହିତ କଲା ବୁଝାମଣା



ମାଲେ, ୫।୩

ଭାରତ ସହିତ ଜାରି ରହିଥିବା ବିବାଦ ମଧ୍ୟରେ ମାଳଦ୍ୱୀପ ଭାରତ ବିରୋଧୀ ନୂଆ ଷଡଯନ୍ତ୍ର ରଚିଛି। ଭାରତୀୟ ସେନ୍ୟଙ୍କୁ ଦେଶରୁ ବାହାର କରିବା ସହିତ ଚୀନ ସହିତ ବୁଝାମଣା କରିଛି । ଏହି ବୁଝାମଣା ଅନ୍ତର୍ଗତ ଚୀନ ମାଳଦ୍ୱୀପକୁ ମାଗଣାରେ ସୈନ୍ୟ ସହାୟତା ଯୋଗାଇ ଦେବ। ଭାରତୀୟ ସେନ୍ୟଙ୍କୁ ଦେଶରୁ ବାହାର କରିବା ପାଇଁ ରାଷ୍ଟ୍ରପତି ମହମ୍ମଦ ମଇଜ୍ଜୁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ପରେ ଚୀନ ସହିତ ରକ୍ଷା ସହଯୋଗ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଏହା ପୂର୍ବରୁ ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଘାସନ ମେମୁନ ଚୀନ ସହିତ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବା ଲାଗି ଆଲୋଚନା ପାଇଁ ଚୀନର ଅନ୍ତର୍ଜାତୀୟ ସୈନ୍ୟ ସହଯୋଗ କାର୍ଯ୍ୟାଳୟର *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ମାଲକାନଗିରିରେ ଛାତ୍ରଛାତ୍ରୀଙ୍କୁ ନୂଆ-ଓ ସ୍କଲାରସିପ ସାର୍ଟିଫିକେଟ ବାଣ୍ଟିଲେ ୫-ଟି ଅଧ୍ୟକ୍ଷ

ମାଲକାନଗିରି, ୫।୩
ନ୍ୟୁଜ୍ ବ୍ୟୁରୋ



ଛାତ୍ରଛାତ୍ରୀଙ୍କୁ ନୂଆ-ଓ ସ୍କଲାରସିପ ସାର୍ଟିଫିକେଟ ପ୍ରଦାନ କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଏହି ସ୍କିମରେ ରାଜ୍ୟର ପ୍ରାୟ ୬ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। ଛାତ୍ରୀଙ୍କୁ ୧୦ ହଜାର ଏବଂ ଛାତ୍ରଙ୍କ ଖାତାକୁ ୯ ହଜାର ଟଙ୍କା ପ୍ରଦାନ କରାଯାଉଛି । ଛାତ୍ରଛାତ୍ରୀଙ୍କ ଲାଗି ଆଉ ପାଠ ପଢାରେ ରହିବନି ଅର୍ଥର ଅଭାବ।

ବାପାମାଆଙ୍କ ଉପରେ ଯାହା ବୋଝ ପଡୁଥିଲା ସେଇଟାକୁ କିଛିମାତ୍ରାରେ କମ କରିବା ଲାଗି ମୁଖ୍ୟମନ୍ତ୍ରୀ ଏହି ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି । ପାଠପଢାରୁ ଯେପରି କେହି ବଞ୍ଚିତ ନହୁଅନ୍ତୁ, ସେଥିପାଇଁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସମସ୍ତେ ନୂଆ ଓଡ଼ିଶା ଗଠନ କରିବାରେ ବ୍ରତୀ ହେବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଯୁକ୍ତ ୩ ଏବଂ ପିଜିର ୬ ଲକ୍ଷ *(ପୃଷ୍ଠା ୭ରେ)*

# ରାଜ୍ୟରେ ଆହୁରି ସୁଦୃଢ଼ ହେବ ଶିକ୍ଷା ବ୍ୟବସ୍ଥା

## ଖୁବ୍‌ଶୀଘ୍ର ଆଉ ୧୦ ହଜାର କନିଷ୍ଠ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର, ୫।୩ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆହୁରି ସୁଦୃଢ ହେବ ଶିକ୍ଷା ବ୍ୟବସ୍ଥା । ଉନ୍ନତ ହେବ ଶୈକ୍ଷିକ ବାତାବରଣ। ରୁଦ୍ଧିମନ୍ତ ହେବ ଶିକ୍ଷାର ମାନ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଗୁରୁତ୍ୱାରୋପ କରୁଛନ୍ତି ରାଜ୍ୟ ସରକାର ।ଏହି କ୍ରମରେ ଆଉ ୧୦ ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦରେ ନିଯୁକ୍ତି ଦେବାପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ନିଯୋଜନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି।

ସମ୍ପ୍ରତି ୨୦୨୩ ମସିହାରେ ପ୍ରକାଶ ପାଇଥିବା ୨୦ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହେବା ପରେ ଯଥାଶୀଘ୍ର ଏହି ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ । ଏହି ନୂତନ ନିଯୁକ୍ତି ଫଳରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପଦ ପୂରଣ ହୋଇପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

ସୂଚନାଯୋଗ୍ୟ, ଦୁଇଟି ବର୍ଗରେ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦ ପାଇଁ ନିଯୁକ୍ତି ଦିଆଯିବ। ପ୍ରଥମ ବର୍ଗରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓ ଦ୍ୱିତୀୟ ବର୍ଗରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ଶିକ୍ଷକ ନିଯୁକ୍ତି କରାଯିବ । ଏହି ସମସ୍ତ କନିଷ୍ଠ ଶିକ୍ଷକ ଜିଲ୍ଲା ପରିଷଦ ଅଧୀନରେ ରହିବେ। ସମସ୍ତ ଶିକ୍ଷକଙ୍କୁ ନିର୍ଦ୍ଧାରିତ ପାରିଶ୍ରମିକ ପ୍ରଦାନ କରାଯିବ । ବାର୍ଷିକ ଚୁକ୍ତି ସରିବା ପରେ ଜିଲ୍ଲା ପରିଷଦ ପକ୍ଷରୁ ତାକୁ ନବୀକରଣ କରାଯିବ। ଦକ୍ଷତା ଭିତ୍ତିରେ ଏହାର ନବୀକରଣ କରାଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏହି ଦକ୍ଷତା ପ୍ରମାଣ ପତ୍ର ପ୍ରଦାନ କରିବେ।

# ସରକାରୀ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରେକର୍ଡ

ଭୁବନେଶ୍ୱର, ୫।୩ : ନ୍ୟୁଜ୍ ବ୍ୟୁରୋ

ସରକାରୀ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରେକର୍ଡ । ୨୦୨୧ରୁ ୨୦୨୪ ଫେବୃଆରୀ ଭିତରେ ସରକାରୀ ନିଯୁକ୍ତି ପାଇଲେଣି ୫୪ ହଜାର ୩୨୨। ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ରେକର୍ଡ ସଂଖ୍ୟକ ନିଯୁକ୍ତି ଦିଆଯାଇଛି। ଯାହାକି ଜାତୀୟ ହାରଠାରୁ ଅଧିକ। ଖାଲି ସରକାରୀ ନିଯୁକ୍ତି ନୁହେଁ ଆତ୍ମନିଯୁକ୍ତି ଓ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଲକ୍ଷାଧିକ ରୋଜଗାର ସୃଷ୍ଟି କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ରାଜ୍ୟରେ ଚାଲିଛି ମେଗା ନିଯୁକ୍ତି ପର୍ବ। ବେକାରୀ ହ୍ରାସରେ ଓଡ଼ିଶାର ରେକର୍ଡ । ୨୦୨୩-୨୪ ବର୍ଷ ହୋଇଛି ନିଯୁକ୍ତିର ବର୍ଷ। ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବାରେ ଢେର ଆଗୁଆ । ନୂଆ ମାହୋଲ ସୃଷ୍ଟି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଗତ ୩ ବର୍ଷ ଭିତରେ ସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ୫୪ ହଜାର ୩୨୨ ଜଣ ଯୁବକଯୁବତୀ, ଯାହାକି ଜାତୀୟ ହାରଠାରୁ ଅଧିକ। ସବୁଠୁ ଅଧିକ ନିଯୁକ୍ତି ମିଳିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ। ୨୦୨୪ ଫେବୃଆରୀ ସୁଦ୍ଧା ଏହି ବିଭାଗ ଅଧୀନରେ ୧୯ ହଜାର ୯୧୫ ଜଣଙ୍କୁ ନିଯୁକ୍ତି ମିଳିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ନିଯୁକ୍ତି ପାଇଛନ୍ତି ୧୬ ହଜାର ୩୪୬। ୨୦୧୪ରେ କ୍ଷମତାକୁ ଆସିବା ପୂର୍ବରୁ କେନ୍ଦ୍ର ସରକାର ଘୋଷଣା କରିଥିଲେ ବର୍ଷକୁ ୨ କୋଟି ନିଯୁକ୍ତି ମିଳିବ । ୧୦ ବର୍ଷ ଭିତରେ ଅନ୍ୟୁନ ୨୦ କୋଟି ନିଯୁକ୍ତି ପାଇବା କଥା । ହେଲେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କୁହନ୍ତି, ତାହା କରି ଦେଖାନ୍ତି। ସବୁକ୍ଷେତ୍ରରେ କିପରି ନିଯୁକ୍ତି ସୃଷ୍ଟି ହୋଇପାରିବ ସେ ନେଇ କରିଛନ୍ତି ବ୍ୟବସ୍ଥା।

ଦିନ ଥିଲା ରାଜ୍ୟର ଆର୍ଥିକ ସ୍ଥିତି ଭଲ ନଥିଲା । ଯେଉଁଥିପାଇଁ ସରକାରୀ ନିଯୁକ୍ତି ସଂକୁଚିତ କରାଯାଇଥିଲା । କିନ୍ତୁ ରାଜ୍ୟରେ ସ୍ଥିର ସରକାର ଯୋଗୁ ରାଜ୍ୟର ଆର୍ଥିକ ପ୍ରଗତି ତ୍ୱରାନ୍ୱିତ ହୋଇଛି । ରାଜସ୍ୱ ବଳକା ରାଜ୍ୟ ହେବା ପରେ ସରକାରୀ ନିଯୁକ୍ତିକୁ ଅଗ୍ରାଧିକାର ଦେଇଛନ୍ତି ରାଜ୍ୟ ସରକାର। ଖାଲି ନିଯୁକ୍ତି ନୁହେଁ, ପଦୋନ୍ନତି *(ପୃଷ୍ଠା ୭ରେ)*

# ବିଜେବି କଲେଜରେ ନୂଆ-ଓ ସ୍କଲାରସିପ ସାର୍ଟିଫିକେଟ ବାଣ୍ଟିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୫।୩ : ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିଜେବି କଲେଜରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବାଣ୍ଟିଲେ ନୂଆ-ଓ ସ୍କଲାରସିପ ସାର୍ଟିଫିକେଟ । ଏହାସହ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ରେଜିଷ୍ଟ୍ରେସନ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଛନ୍ତି। କଲେଜରେ ୨୬ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନୂଆ ଓ କାର୍ଯ୍ୟକ୍ରମ ଜରିଆରେ ଛାତ୍ରବୃତ୍ତି ଅର୍ଥ ବଣ୍ଟନ କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଛାତ୍ରଛାତ୍ରୀଙ୍କୁ ଆଶିଷବାଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ପରିବାରରେ ପିତା ମାତା ଓ ଅଧ୍ୟାପକଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। ବିଜେବି କଲେଜର ବହୁ ସୁନାମ ରହିଛି । ଏହି କଲେଜ ଅନେକ ଯୋଗ୍ୟ ବ୍ୟକ୍ତିତ୍ୱଙ୍କୁ ସୃଷ୍ଟି କରିଛି । ଏହି ଅବସରରେ ମ୍ୟାଜିକ କାର୍ଡରେ କେଉଁ କେଉଁ ସୁବିଧା ମିଳିବ ସେନେଇ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ ୫-ଟି ଅଧ୍ୟକ୍ଷ। ବିଶେଷ କରି ଏହି ସ୍ମାର୍ଟକାର୍ଡରେ ମୋବାଇଲ ରିଚାର୍ଜ, କୋଚିଂ ବ୍ୟବସ୍ଥା, ବହି କିଣାରେ ରିହାତି, ବସ ଟ୍ରେନ ଓ ଫ୍ଲାଇଟ ଯାତ୍ରାରେ ରିହାତି ସୁବିଧା ଉଚ୍ଚ ଶିକ୍ଷା ପାଇଁ ସୁବିଧା ରହିଥିବା କହିଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଡାଇବେଟିସ ବିରୋଧରେ ଲଢ଼ିବେ ଭାରତ-ଫ୍ରାନ୍ସ



ନୂଆଦିଲ୍ଲୀ, ୫।୩

ଡାଇବେଟିସ ସମସ୍ୟା ଭୋଗୁଥିବା ଲୋକଙ୍କ ପାଇଁ ଖୁସିଖବର ଆସିଛି। ଡାଇବେଟିସ ବିରୋଧରେ ଭାରତ ଫ୍ରାନ୍ସ ମିଳିତ ଭାବେ ଲଢେଇ ଆରମ୍ଭ କରିବେ। ନୂଆଦିଲ୍ଲୀ ସ୍ଥିତ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ(ଆଇସିଏମଆର) ପକ୍ଷରୁ ଦୁଇ ଦେଶର ବୈଜ୍ଞାନିକମାନଙ୍କୁ ଏନେଇ ଏକଜୁଟ କରିବା *(ପୃଷ୍ଠା ୭ରେ)*

## ଏକାଳ ସେକାଳ



କେହି କାହାକୁ ନିନ୍ଦିଲେନି ଜମା
ବସିଲେ ହସିଲେ ଗଲେ
ପରସ୍ପରର ପ୍ରଶଂସାରେ ଦୁହେଁ
ଦିହିଁଙ୍କୁ ଯେ ପୋତିଦେଲେ
ଚେଲାଚାମୁଣ୍ଡା ବିଚରା ମଲେ
ରାଜନୀତିଟା ପାଣିଚିଆ ହେବ
ଏକଥା କି ଭାବିଥିଲେ।

# ଆସନ୍ତା ସପ୍ତାହରୁ ଆହୁରି ବଢ଼ିବ ତାତି



ଭୁବନେଶ୍ୱର, ୫।୩ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସପ୍ତାହରୁ ସାଙ୍ଘାତିକ ତାତି । ଉପାନ୍ତରୁ ଉପକୂଳ ସବୁଠି ଉପରମୁହାଁ ହେବ ପାରଦ। ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢିବ । ବର୍ତ୍ତମାନ ରାଜ୍ୟରେ ପଶ୍ଚିମା ଝଡ ସକ୍ରିୟ ଥିବା ବେଳେ ଉପକୂଳ ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ଚକ୍ରବାତ ବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଖରା ଛାଇର ଖେଳ ଦେଖିବାକୁ ପଡିବ । ବିଶେଷ କରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ମୟୂରଭଞ୍ଜ, ଝାରସୁଗୁଡା ଆଦି ଜିଲ୍ଲାରେ ବର୍ଷା ନେଇ ଆକଳନ କରାଯାଇଛି । ସେହିଭଳି ଘୁରୁଚପ ବଳୟ ପ୍ରଭାବରେ ରାଜ୍ୟକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରୁଥିବାରୁ ପୂର୍ବାହ୍ନରେ ପ୍ରବଳ ତାତି ଏବଂ ଅପରାହ୍ନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର କେନ୍ଦୁଝର ଏବଂ ମୟୂରଭଞ୍ଜ ସମେତ କନ୍ଧମାଳ, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, ରାୟଗଡା ଏବଂ କୋରାପୁଟରେ ହାଲୁକା ବର୍ଷା ନେଇ ଆକଳନ କରାଯାଇଛି । ଯେଉଁ ଜିଲ୍ଲା ଗୁଡିକରେ ବର୍ଷା *(ପୃଷ୍ଠା ୭ରେ)*

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୫।୩ : ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ସକାଳେ ୬ନମ୍ବର ୟୁନିଟସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ଆଧୁନିକ ଓଡ଼ିଶାର ନିର୍ମାତା, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ସମାଜର ସବୁ ବର୍ଗର ଲୋକଙ୍କୁ ନେଇ ବିକାଶକୁ ବଳିଷ୍ଠ କରିବା ଲାଗି ସେ ଆଙ୍କିଥିବା ନକ୍ସା *(ପୃଷ୍ଠା ୭ରେ)*

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଦେଶରେ ପିଆଜ ଦର ବଢିବା ଆଶଙ୍କା

ଦେଶରେ ପିଆଜ ଦର କିଛି ଦିନ ଧରି ସ୍ଥିର ରହିଥିଲେ ହେଁ ରସୁଣର ଦରବୃଦ୍ଧି ସାଧାରଣ ଜନତାଙ୍କୁ ସମସ୍ୟାରେ ପକାଇଛି । ତେବେ ଗତ ସପ୍ତାହରୁ ପିଆଜ ଦର ମଧ ବଢିବା ରେ ଲାଗିଛି ଏବଂ ଦିଲ୍ଲୀର ଆଜାଦପୁର ମଣ୍ଡିରେ ପିଆଜ ଦର ବୃଦ୍ଧି ଦେଖିବାକୁ ମିଳିଛି । ୧୬ରୁ ୨୪ ଟଙ୍କା ମଧ୍ୟରେ ମିଳୁଥିବା ପିଆଜ ଚଳିତ ଶନିବାରଠାରୁ ଆଜାଦପୁର ମଣ୍ଡିରେ କିଲୋ ପିଛା ୧୭ରୁ ୨୭ ଟଙ୍କାରେ ବିକ୍ରି ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ ଏହାର ଦର ଆହୁରି ବଢ଼ିବାର ସମ୍ଭାବନା ରହିଛି। ତାହାର କାରଣ ହେଉଛି ସରକାର ୬୪,୪୦୦ ଟନ୍ ପିଆଜ ରପ୍ତାନିକୁ ମଞ୍ଜୁରି ଦେଇଛନ୍ତି। ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନସିଇଏଲ୍) ମାଧ୍ୟମରେ ସରକାର ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ବାଂଲାଦେଶକୁ ୬୪,୪୦୦ ଟନ୍ ପିଆଜ ରପ୍ତାନିକୁ ମଞ୍ଜୁରୀ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ବାଂଲାଦେଶକୁ ୫୦ ହଜାର ଟନ୍ ପିଆଜ ରପ୍ତାନି ହେବ ଏବଂ ୟୁଏଇକୁ ୧୪,୪୦୦ ଟନ୍ ପିଆଜ ରପ୍ତାନି ହେବ। କେନ୍ଦ୍ର ସରକାରଙ୍କ ତରଫରୁ ବାଣିଜ୍ୟ ମନ୍ତ୍ରଣାଳୟ ମଧ ଏଥିପାଇଁ ବିଜ୍ଞପ୍ତି ଜାରି କରିଛି। ଗତ ମାସରେ କେନ୍ଦ୍ର ସରକାର ପିଆଜ ଉପରୁ ରପ୍ତାନି କଟକଣ ହଟାଇବା ପରେ ପିଆଜ ଦର ବୃଦ୍ଧି ପାଇଥିଲା । ଏହା ପରେ ସରକାର ପୁଣି ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଶ୍ରୀ ରାଧାମଦନମୋହନ ମନ୍ଦିର:
ଏହି ମନ୍ଦିର ବୃନ୍ଦାବନର ଯମୁନା କୂଳରେ ଖ୍ରୀ.ଅ. ୧୫୮୦ରେ ଗୌଡ଼ୀୟ ପନ୍ଥୀ ସନାତନ ଗୋସ୍ୱାମୀଙ୍କ ପରାମର୍ଶରେ ଅମୃତସରର ଧନପତି ରାମଦାସ କାପୁରଙ୍କଦ୍ୱାରା ନିର୍ମାଣ କରାଯାଇଥିଲା। ୬୦ଫୁଟ ଉଚ୍ଚତାର ଏହି ମନ୍ଦିର ୫୦ଫୁଟ ଉଚ୍ଚର ଦ୍ୱାଦଶାଦିତ୍ୟ ଟିଳ ପାହାଡ଼ ଉପରେ ନିର୍ମିତ ହୋଇଥିଲା। ସେତେବେଳେ ବୃନ୍ଦାବନ ଘୋର ଜଙ୍ଗଲ ଥିଲା। ଏକ ବରଗଛ ମୂଳରୁ ଅଦ୍ୱୈତ ଆଚାର୍ଯ୍ୟ ଏହି ବିଗ୍ରହ ପାଇ ତାଙ୍କ ଶିଷ୍ୟ ପୁରୁଷୋତ୍ତମ ଚୌବେଙ୍କୁ ପୂଜା କରିବା ନିମନ୍ତେ ଦେଇଥିଲେ। ମାତ୍ର ପୁରୁଷୋତ୍ତମ ଚୌବେ ତାହାକୁ ଗୌଡ଼ୀୟ ସନ୍ଥ ସନାତନ ଗୋସ୍ୱାମୀଙ୍କୁ ଦେଇଦେଲେ। ଏହି ସନାତନ ଗୋସ୍ୱାମୀ ବୃନ୍ଦାବନରେ ୪୩ବର୍ଷ ରହିଥିଲେ। ମଦନମୋହନଙ୍କ ସହ ରାଧାରାଣୀ ଓ ଲଳିତାଙ୍କ ବିଗ୍ରହ ଏଠାରେ ପୂଜା ପାଉଛନ୍ତି ଯାହାକୁ କି ଉତ୍କଳର ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ପୁଅ ପୁରୁଷୋତ୍ତମ ଜେନା ପଠାଇଥିଲେ। ଥରେ ଧନପତି ରାମଦାସ କାପୁରଙ୍କର ଏକ ବାଣିଜ୍ୟ ତରୀ ଯମୁନାରେ ବୁଡ଼ିଯାଉଥିବାବେଳେ ସନାତନ ଗୋସ୍ୱାମୀଙ୍କ ପରାମର୍ଶରେ ସେ ମଦନମୋହନଙ୍କୁ ତାହା ରକ୍ଷା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଫଳରେ ତାଙ୍କ ତରୀ ବୁଡ଼ିଯିବାରୁ ରକ୍ଷା ପାଇଯାଇଥିଲା। ତେଣୁ ରାମଦାସ ଉକ୍ତ ଜାହାଜରୁ ମିଳିଥିବା ସମସ୍ତ ଲାଭାଂଶରେ ଏହି ମନ୍ଦିର ନିର୍ମାଣ କରାଇ ଦେଲେ। ଶ୍ରୀଚୈତନ୍ୟ ତାଙ୍କ ବୃନ୍ଦାବନ ଆଗମନ କାଳରେ ଏହି ମନ୍ଦିରରେ ଅବସ୍ଥାନ କରୁଥିଲେ। ପରେ ଆଉରଙ୍ଗଜେବ ଏହି ମନ୍ଦିରକୁ ଭାଙ୍ଗି ଦେଇଥିଲା। ତେଣୁ ଜୟପୁରର ମହାରାଜା ଗୋପାଳ ସିଂହ ମୂଳ ବିଗ୍ରହଙ୍କୁ ନିଜ ରାଜପ୍ରାସାଦକୁ ନେଇ ପୂଜା କରିଥିଲେ। ଉକ୍ତ ବିଗ୍ରହଙ୍କୁ ତାଙ୍କ ଝିଅ ନିଜ ଶାଶୁଘର ରାଜସ୍ଥାନର କରୌଲିକୁ ନେଇ ସେଠାରେ ଏକ ମନ୍ଦିର ନିର୍ମାଣ କରି ପ୍ରତିଷ୍ଠା କରାଇଥିଲେ। ଗୌଡ଼ୀୟ ବୈଷ୍ଣବମାନଙ୍କର ଏହା ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ବୃନ୍ଦାବନସ୍ଥ ପ୍ରାଚୀନ ମନ୍ଦିରରେ ରାଧା ମଦନମୋହନଙ୍କର ଅନ୍ୟ ଏକ ମୂର୍ତ୍ତି ବର୍ତ୍ତମାନ ପ୍ରତିଷ୍ଠିତ ହୋଇଛନ୍ତି। ଏହି ମନ୍ଦିର ପରିସରରେ ସନାତନ ଗୋସ୍ୱାମୀଙ୍କର ସମାଧି ଓ ଭଜନସ୍ଥଳୀ ସହ ଚନ୍ଦ୍ରଶେଖର ଆଚାର୍ଯ୍ୟ ଓ ତପନ ମିଶ୍ରଙ୍କର ପୁଷ୍ପ ସମାଧିମାନ ରହିଛି।

ଶ୍ରୀ ରାଧାଦାମୋଦର:
ରୂପ ଗୋସ୍ୱାମୀଙ୍କଦ୍ୱାରା ଜୀବ ଗୋସ୍ୱାମୀଙ୍କୁ ପ୍ରଦତ୍ତ ବିଗ୍ରହ ବର୍ତ୍ତମାନ ଜୟପୁରରେ ସ୍ଥାପିତ ହୋଇଛନ୍ତି। ଏହି ରାଧାଦାମୋଦରଙ୍କ ବିଗ୍ରହ ବ୍ୟତୀତ କୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କ ପ୍ରଦତ୍ତ ରାଧାବୃନ୍ଦାବନଚନ୍ଦ୍ର, ଭୂଗର୍ଭ ଗୋସ୍ୱାମୀଙ୍କଦ୍ୱାରା ପୂଜିତ ଶ୍ରୀରାଧାଛଳ ଚିକ୍କଣ ଓ ସନାତନ ଗୋସ୍ୱାମୀଙ୍କୁ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଦେଇଥିବା ଗୋବର୍ଦ୍ଧନ ଶିଳା ଏଠାରେ ପୂଜିତ ହେଉଛନ୍ତି। କଥିତ ଅଛି ସନାତନ ଗୋସ୍ୱାମୀଙ୍କ ବ୍ରଜବାସ କାଳରେ ପ୍ରତ୍ୟହ ସେ ଗୋବର୍ଦ୍ଧନ ପରିକ୍ରମା କରୁଥିଲେ। ମାତ୍ର ବୟସ ଅଧିକ ହେବାରୁ ସେ ଆଉ ପରିକ୍ରମା କରିପାରିଲେ ନାହିଁ ଓ ଶ୍ରୀକୃଷ୍ଣ ତାଙ୍କୁ ଏକ ଶିଳା ଦେଇ ତା ଚାରିଦିଗରେ ପରିକ୍ରମା କରିବାକୁ ନିର୍ଦ୍ଦେଶ ଦେଇଥିବାର କିମ୍ବଦନ୍ତୀ ରହିଛି। ଏହା ସହିତ ଏଠାରେ ଅଛି ରୂପ ଗୋସ୍ୱାମୀଙ୍କ ଭଜନସ୍ଥଳୀ ଓ ସମାଧି, ପାଦ ପ୍ରକ୍ଷାଳନ ସ୍ଥାନ, କୃଷ୍ଣ ଦାସ କବିରାଜ, ପୁରୀଦାସ ଗୋସ୍ୱାମୀ, ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଓ ଶିଳଭୂଗର୍ଭ ଗୋସ୍ୱାମୀମାନଙ୍କ ପୁଷ୍ପ ସମାଧି। ଇସ୍‌କନ୍‌ର ପ୍ରତିଷ୍ଠାତା ଶ୍ରୀଳ ପ୍ରଭୁପାଦ ମଧ ଏଠାରେ ଛଅବର୍ଷ ରହି ସଂସ୍କୃତ ଶ୍ରୀମଦ୍‌ଭାଗବତର ଅନୁବାଦ କରିଥିଲେ।

ଶ୍ରୀ ରାଧାଶ୍ୟାମସୁନ୍ଦର:
ଗୌଡ଼ୀୟ ବୈଷ୍ଣବ ଜୀବ ଗୋସ୍ୱାମୀଙ୍କର ଶିଷ୍ୟ ଶ୍ୟାମାନନ୍ଦ ପ୍ରଭୁଙ୍କଦ୍ୱାରା ପ୍ରତିଷ୍ଠିତ ରାଧାଶ୍ୟାମଙ୍କର ସୁନ୍ଦର ମୂଳ ବିଗ୍ରହ ଏଠାରେ ପୂଜିତ ହେଉଛନ୍ତି। ଶ୍ୟାମାନନ୍ଦ ଗୌଡ଼ୀୟ ବୈଷ୍ଣବ ହେଲେ ମଧ ସେ ଥିଲେ ଓଡ଼ିଆ। ଏହି ମନ୍ଦିରର ଅଦୂରରେ ଶ୍ୟାମାନନ୍ଦ ପ୍ରଭୁଙ୍କ ସମାଧି ଓ ନୂପୁର ପ୍ରାପ୍ତିର ସ୍ଥାନ ରହିଛି। କଥିତ ଅଛି ଯେ ଏଠାରେ ରାଧାରାଣୀ ଶ୍ୟାମାନନ୍ଦ ପ୍ରଭୁଙ୍କୁ ଦର୍ଶନ ଦେଇ ତାଙ୍କ ମସ୍ତକରେ ନିଜ ନୂପୁରର ଚିହ୍ନ ଆଙ୍କି ଦେଇଥିଲେ ଓ ସେହି ଚିହ୍ନ ହିଁ ଶ୍ୟାମାନନ୍ଦ ସଂପ୍ରଦାୟର ତିଳକ ଭାବରେ ପ୍ରଚଳିତ। ଶ୍ୟାମାନନ୍ଦ ପ୍ରଭୁ ଶ୍ରୀରାଧାରାଣୀଙ୍କ ପାଦରୁ ପଡ଼ିଥିବା ସ୍ୱର୍ଣ୍ଣ ନୂପୁର ଏଠାରୁ ପାଇଥିଲେ।

ଜ୍ଞାନଗୁଞ୍ଜରୀ:
ଏହା ହେଉଛି ଏକ ପବିତ୍ର ସ୍ଥାନ। ଏହିଠାରେ ଭକ୍ତ ଶିରୋମଣି ଉଦ୍ଧବ ଗୋପୀମାନଙ୍କୁ ଜ୍ଞାନ ଦେବାକୁ ଆସି ନିଜେ ସେମାନଙ୍କଠାରୁ ଜ୍ଞାନ ପାଇ ଫେରି ଯାଇଥିଲେ। ଯମୁନା ଜଳରେ ଏହି ସ୍ଥାନ ପ୍ଲାବିତ ହେଲେ ଲୋକେ ସ୍ନାନ କରିବାର ସୁଯୋଗ ପାଇଥାନ୍ତି। ଏହା ବୈଷ୍ଣବମାନଙ୍କର ଏକ ପ୍ରସିଦ୍ଧ ତୀର୍ଥସ୍ଥାନ।

ବଂଶୀବଟ ବିହାରୀ:
ଏଠାରେ ଥିବା ବଟବୃକ୍ଷ ମୂଳରେ ଶ୍ରୀକୃଷ୍ଣ ରାସଲୀଳା କରୁଥିବାର ପ୍ରବାଦ ଅଛି।

ଗୋପେଶ୍ୱର ମହାଦେବ:
ବଂଶୀବଟର କୋଣରେ ଏହି ମନ୍ଦିର ରହିଛି। ମହାଦେବ ପ୍ରଭୁଙ୍କ ରାସଲୀଳାରେ ପ୍ରବେଶ କରିବା ପାଇଁ ଗୋପୀବେଶ ଧାରଣ କରିଥିଲେ। ମାତ୍ର ମହାଦେବଙ୍କର ଏପରି ବେଶ ଦେଖି ଶ୍ରୀକୃଷ୍ଣ ହସିଦେଇ ତାଙ୍କୁ ଗୋପେଶ୍ୱର ମହାଦେବ ନାମରେ ସମ୍ବୋଧନ କରିଥିଲେ। ଗୋପୀମାନେ ପ୍ରଭୁଙ୍କୁ ପାଇବା ନିମନ୍ତେ ଏହି ଗୋପେଶ୍ୱର ମହାଦେବଙ୍କ ପୂଜା କରୁଥିବାର କିମ୍ବଦନ୍ତୀ ରହିଛି।

ଶ୍ରୀରଙ୍ଗଜୀ ବା ରଙ୍ଗନାଥ ମନ୍ଦିର:
ବୃନ୍ଦାବନର ଶ୍ରୀଗୋବିନ୍ଦ ମନ୍ଦିରର ପୂର୍ବକୁ ରହିଛି ଏହି ବିଶାଳ ମନ୍ଦିର। ମନ୍ଦିରର ଉଚ୍ଚତା ୩୦ମିଟର। ଶିଖର ଦେଶ ସ୍ୱର୍ଣ୍ଣ ଚାଦରରେ ଆଚ୍ଛାଦିତ। ଖ୍ରୀ.ଅ. ୧୮୫୧ରେ ମଥୁରାର ବିତ୍ତଶାଳୀ ବ୍ୟବସାୟୀ ସେଠ ପରିବାରଙ୍କ ଅର୍ଥ ବ୍ୟୟରେ ଏହା ନିର୍ମିତ ହୋଇଥିଲା। ମନ୍ଦିରରେ ରହିଛି ୧୫ମିଟରର ଉଚ୍ଚ ସ୍ୱର୍ଣ୍ଣ ତାଳ ବୃକ୍ଷ ବା ଗରୁଡ଼ ସ୍ତମ୍ଭ ଯାହାକି ୪୮ ମହଣ ସୁନାରେ ତିଆରି ହୋଇଥିବା ସେଥିରେ ଉଲ୍ଲେଖ ରହିଛି। ଏହାବ୍ୟତୀତ ଏଠାରେ ବିଭିନ୍ନ ପ୍ରକାରର ଚନ୍ଦନ କାଠରେ ନିର୍ମିତ ସୁନ୍ଦର ପଦାର୍ଥମାନ ଦେଖାଯାଏ ଯାହା ଉପରେ ସୁନା ଓ ରୂପାର ପାତମାନ ଦିଆଯାଇଛି। ସେଗୁଡ଼ିକୁ ଦେଖିବା ପାଇଁ ଦର୍ଶନାର୍ଥୀଙ୍କ ଭିଡ଼ ଜମେ। ଚନ୍ଦନ କାଠରେ ନିର୍ମିତ ବିଶାଳ ରଥ ମଧ ସେଠାରେ ରହିଛି। ମନ୍ଦିରରେ ଶେଷଶାୟୀ ବିଷ୍ଣୁ ବିଗ୍ରହ ଶ୍ରୀରଙ୍ଗନାଥ ନାମରେ ପୂଜିତ। ମନ୍ଦିର ଉପର ଭାଗରେ ଦକ୍ଷିଣ ଭାରତୀୟ କଳାଚାତୁର୍ଯ୍ୟ ବେଶ୍ ଚମତ୍କାର ଭାବରେ ଫୁଟି ଉଠିଛି। ତାହା ସହ ରାଜସ୍ଥାନୀ କାରୁକାର୍ଯ୍ୟ ମଣ୍ଡିତ ପ୍ରବେଶ ଦ୍ୱାର ମଧ ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ପୌଷ ଶୁକ୍ଳ ଏକାଦଶୀଠାରୁ ମାଘ କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ବୈକୁଣ୍ଠ ଉତ୍ସବ ମେଳା ଓ ଚୈତ୍ରମାସ କୃଷ୍ଣପକ୍ଷ ଦ୍ୱିତୀୟାଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ରଥୋତ୍ସବ ପାଳିତ ହୁଏ। ମନ୍ଦିର ବେଢ଼ାରେ ଥିବା ଗଜରାଜ କୁଣ୍ଡରେ ଶ୍ରାବଣ ପୂର୍ଣ୍ଣିମା ଦିନ ଗଜେନ୍ଦ୍ର ଲୀଳା ଅନୁଷ୍ଠିତ ହୁଏ। ମନ୍ଦିର ଚତୁର୍ଦ୍ଦିଗରେ ବେଢ଼ି ରହିଛି ସୁଉଚ୍ଚ ପ୍ରାଚୀର।

ବେଲା ହଲୋ ମନ୍ଦିର:
ମନ୍ଦିର ନିର୍ମାଣ ପଛରେ କିମ୍ବଦନ୍ତୀଟିଏ ରହିଛି। ଜଣେ ବଙ୍ଗାଳୀ ଜମିଦାର ସକାଳେ ଠିକ୍ ସମୟରେ ଉଠି ନପାରିବାରୁ ତାଙ୍କର ସ୍ତ୍ରୀ ଆସି "ବେଲା ହଲୋ" କହି ଶଯ୍ୟା ତ୍ୟାଗ କରିବା ପାଇଁ ତାଙ୍କୁ ଅନୁରୋଧ କଲେ। ଏଥିରେ ଜମିଦାର ଉଠିପଡ଼ି "ହଁ ବେଲା ହଲୋ" କହି ତୁରନ୍ତ ବୃନ୍ଦାବନକୁ ଚାଲିଆସିଲେ। ସାଂସାରିକ ମାୟା ବନ୍ଧନକୁ ତ୍ୟାଗ କରି ସେ ନିଜର ଅବଶିଷ୍ଟ ଜୀବନକୁ ପ୍ରଭୁଙ୍କ ସେବାରେ ଉତ୍ସର୍ଗୀକୃତ କରିଦେଇଥିବାରୁ ତାଙ୍କରିଦ୍ୱାରା ଏପରି ମନ୍ଦିର ନିର୍ମାଣ ହୋଇଛି ଓ ତାହା ବେଲାହଲୋ ମନ୍ଦିର ଭାବରେ ବୃନ୍ଦାବନରେ ପରିଚିତ। ସ୍ତ୍ରୀଙ୍କର କହିବାରେ ତାଙ୍କ ମନରେ ଅନ୍ତର୍ନିହିତ ଭକ୍ତିଭାବ ଜାଗି ଉଠିଥିଲା ଓ ସେଥିପାଇଁ ସେ ଗୃହତ୍ୟାଗ କରି ବୃନ୍ଦାବନ ଚାଲିଆସିଥିଲେ।

ଶ୍ରୀ ଗୋଦାବିହାର ମନ୍ଦିର:
ଏହା ବେଲା ହଲୋ ମନ୍ଦିର ନିକଟରେ ଅବସ୍ଥିତ। ମନ୍ଦିର ଭିତରେ ବିଭିନ୍ନ ଦେବଦେବୀ, ଋଷି, ମହର୍ଷି ଓ ଶ୍ରୀକୃଷ୍ଣଙ୍କ ରାସଲୀଳାର ଚିତ୍ର ଆଦି ତିନିଶହ ବିଗ୍ରହ ବିରାଜିତ। ମନ୍ଦିର ମଧ୍ୟରେ ପ୍ରବେଶ କଲେ ପ୍ରଥମେ ବେଦଗର୍ଭ ଦ୍ୱାର ଓ ପରେ ବୈକୁଣ୍ଠ ଦ୍ୱାର ପଡ଼େ। ଦ୍ୱିତୀୟ ଦ୍ୱାରରେ ନବଗ୍ରହ, ସୂର୍ଯ୍ୟରଥ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଲୀଳା, ଗୋମାତାଙ୍କ ସହିତ ବଂଶୀଧାରୀ ଶ୍ରୀକୃଷ୍ଣ, ଶିବଲୋକ, ବ୍ରହ୍ମଲୋକ, ଚାରିସନନ୍ଦକୁମାର, ତପୋବନ, ଲକ୍ଷ୍ମୀନାରାୟଣ, ଧର୍ମରାଜ ଓ ଦଶ ଅବତାରମାନ ରହିଛି। ଏହାପରେ ଧ୍ରୁବ, ପ୍ରହ୍ଲାଦ, ସୁରଦାସ ପ୍ରଭୃତି ଭକ୍ତଗଣ ରଘୁବଂଶ ଦର୍ଶନ, ଆଚାର୍ଯ୍ୟପୀଠ, ଶଙ୍କରାଚାର୍ଯ୍ୟ ପ୍ରଭୃତି ମହାପୁରୁଷଙ୍କର ମୂର୍ତ୍ତିମାନ ଦେଖିବାକୁ ମିଳେ।

ବୃନ୍ଦାବନ ପରିକ୍ରମାର ବାଟରେ ପଡ଼େ ହନୁମାନଜୀଙ୍କ ମନ୍ଦିର, ଯମୁନା କୂଳରେ ସୁଦାମାକୁଟୀ, ଜ୍ଞାନଗୁଞ୍ଜରୀ, ଟିକ୍କାରୀ ଘାଟ, ଶ୍ରୀଜଗନ୍ନାଥମନ୍ଦିର ଓ ଯମୁନା କୂଳସ୍ଥ ରାମକୃଷ୍ଣ ମନ୍ଦିର ଟଟିଆସ୍ଥାନ। ଏଠାରେ ଗୋଟିଏ ମନୋରମ ଉଦ୍ୟାନ ଅଛି। (କ୍ରମଶଃ)

# ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧାଦେଶ



ନିହାର ରଞ୍ଜନ ଆଚାର୍ଯ୍ୟ
ବୈଜ୍ଞାନିକ ଅଫିସର, ଭାରତୀୟ ଜଳବାୟୁ କଂଗ୍ରେସ, ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଟ୍ରଷ୍ଟ (ଏକ ବିଜ୍ଞାନ ପ୍ରଚାର ଅନୁଷ୍ଠାନ)
ଦୂରଭାସ: ୮୨୪୯୭୭୫୮୧୭

ରାସାୟନିକ ପ୍ରଦୂଷକମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ଅନ୍ୟତମ । ଏହା ଜୈବ-ନିମ୍ନୀକରଣ-ଅଯୋଗ୍ୟ ପ୍ରଦୂଷକ (Bio-non-degradable Pollutants) ଶ୍ରେଣୀର ଅନ୍ତର୍ଗତ । ସାଧାରଣତଃ ପ୍ରାକୃତିକ ବିଶୁଦ୍ଧିକରଣ ପ୍ରକ୍ରିୟା ଦ୍ୱାରା ଅଣୁଜୀବ ଏବଂ ଅପଘଟକମାନେ ଜୈବ-ନିମ୍ନୀ କରଣ-ଯୋଗ୍ୟ ପ୍ରଦୂଷକ (Bio-degradable Pollutants) ଗୁଡିକୁ ପୁନର୍ବାର ପ୍ରାକୃତିକ ଉପାଦାନରେ ପରିଣତ କରିଥାନ୍ତି । ପରନ୍ତୁ, ପ୍ଲାଷ୍ଟିକ - ଜଳ, ମୃତ୍ତିକା ଆଦିରେ ଜମା ହୋଇ ମୌଳିକ ଉପାଦାନକୁ ବିଘଟିତ ନକରି ପାରି ବିପର୍ଯ୍ୟୟ ସୃଷ୍ଟି କରିଥାଏ । ସୁତାରଂ, ପ୍ଲାଷ୍ଟିକ ପ୍ରୟୋଗ ଉପରେ ନିଷେଧାଜ୍ଞା ଜାରି କରିବାର ଯୌକ୍ତିକତା ପରିବେଶବିଦ୍ ମାନେ ବିଶେଷ ଭାବରେ ଅନୁଭବ କରି ଏହାର ବ୍ୟବହାରରେ ବିଶ୍ୱବ୍ୟାପୀ କଟକଣା ନିମନ୍ତେ ବାରମ୍ବାର ପ୍ରଚେଷ୍ଟା କରୁଅଛନ୍ତି ।

ସାଧାରଣତଃ, ପ୍ଲାଷ୍ଟିକ ବ୍ୟବହୃତ ହେଉଥିବା ପୁଟୁଳି, ମୁଣା, ଥଳି, ବାଲଟି, ଗ୍ଲାସ, ପାଣି ବୋତଲ ତଥା ବିଭିନ୍ନ ତରଳ ପଦାର୍ଥ ସଂରକ୍ଷଣ ପାତ୍ର, ଥଣ୍ଡା ପାନୀୟ ନିମନ୍ତେ ବ୍ୟବହୃତ ଉପକରଣ, ବୈଦ୍ୟୁତିକ ସରଞ୍ଜାମ ଆଦି ସହ ପଲିଥିନ ଉତ୍ପନ୍ନଦ୍ରବ୍ୟ, ଚେୟାର, ବେଞ୍ଚ ଆଦି ବିପଜ୍ଜନକ ଭାବେ ପରିବେଶକୁ ପ୍ରଦୂଷିତ କରିବାରେ ମୁଖ୍ୟ ଭୂମିକା ନେଇଥାଆନ୍ତି । ଏହିସବୁ ଦ୍ରବ୍ୟକୁ ଥରେ ମାତ୍ର ବ୍ୟବହାର କଲାପରେ ଯେହେତୁ ପୁନଃ ବ୍ୟବହାର ନିମନ୍ତେ ଅନୁପଯୁକ୍ତ ହୋଇଥାଆନ୍ତି, ଏଣୁକରି ବର୍ଜ୍ୟ ବସ୍ତୁ ରୂପେ ଏହାକୁ ପଦାକୁ ଫୋପଡା ଯାଇଥାଏ । ପୁନଃଶ୍ଚ, ଏହି ଅଯୋଗ୍ୟ ବସ୍ତୁଗୁଡିକ ମୃତ୍ତିକା ଓ ଜଳ ମଧ୍ୟରେ ଜମା ହୋଇ ନାନାଦି ପରିବେଶୀୟ ସମସ୍ୟା ସୃଷ୍ଟିକରି ଥାଆନ୍ତି । ଜୈବ-ନିମ୍ନୀ କରଣ ଅଯୋଗ୍ୟ ପ୍ରଦୂଷକ ଶ୍ରେଣୀର ତାଲିକା ମଧ୍ୟରେ ପ୍ଲାଷ୍ଟିକ ଅନ୍ତର୍ଭୁକ୍ତ ହୋଇ ମୃତ୍ତିକା ଓ ଜଳ ପ୍ରଦୂଷଣ ଜନିତ ସମସ୍ୟା ଦୀର୍ଘ ସମୟ ପର୍ଯ୍ୟନ୍ତ ସୃଷ୍ଟି କରିଥାଏ ।

ନାନାଦି ରାସାୟନିକ କଞ୍ଚାମାଲରୁ ପ୍ରସ୍ତୁତ ଏକମାତ୍ର ପ୍ରୟୋଗ ଯୋଗ୍ୟ ପ୍ଲାଷ୍ଟିକ ଉପକରଣ ଗୁଡିକ ଉଦ୍ୟୋଗ କାରଖାନାରୁ ଯୌଗିକ ବିଷାକ୍ତ ବାଷ୍ପ ଏବଂ ଧୂମ ନିର୍ଗତ କରିଥାଆନ୍ତି । ବୈଷୟିକ ଯନ୍ତ୍ରପାତି ବ୍ୟବହୃତ ଉଦ୍ୟୋଗ ପ୍ରକଳ୍ପ ଗୁଡିକ ବହୁବିଧ ସତର୍କତା ଅବଲମ୍ବନ ସତ୍ତ୍ୱେ ପ୍ଲାଷ୍ଟିକ ଉପକରଣ ଗୁଡିକର ଉତ୍ପାଦନଜନିତ ପରିବେଶ ପ୍ରଦୂଷଣ ନିରାକରଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ସମର୍ଥ ହୋଇ ନଥାନ୍ତି । ପରନ୍ତୁ ଏଗୁଡିକର ପ୍ରସ୍ତୁତ ଏବଂ ପରବର୍ତ୍ତୀ ସମୟରେ ବ୍ୟବହାର ଅନୁପଯୋଗୀ ଅବସ୍ଥାରେ ପ୍ରଦୂଷଣ ଜନିତ ପରିବେଶୀୟ ଦୁର୍ଦ୍ଦଶାର କାରଣ ହୋଇଥାଆନ୍ତି । ଜଳ ପ୍ରଦୂଷଣ ଦ୍ୱାରା ପ୍ଲାଷ୍ଟିକ, ସମୁଦ୍ର ମଧ୍ୟସ୍ଥ ଜୀବ ଓ ମଧୁର ଜଳ ଜୀବମାନଙ୍କର ପ୍ରଭୂତ କ୍ଷତି ସାଧନ କରିଥାଏ । ମୃତ୍ତିକା ପ୍ରଦୂଷଣ ଦ୍ୱାରା ଉପରିସ୍ଥ ଉର୍ବର ସ୍ତର ପ୍ରଭାବିତ ହୋଇ ଫସଲ ଉତ୍ପାଦନରେ ପ୍ରଧାନ ପ୍ରତିବନ୍ଧକ ରୂପେ ପ୍ଲାଷ୍ଟିକ ଓ ପଲିମର ଉପକରଣ ଗୁଡ଼ିକ ଘୋର କ୍ଷତି ସାଧନ କରିଥାଆନ୍ତି । ସେହିପରି ପ୍ଲାଷ୍ଟିକ ଉଦ୍ୟୋଗ ପ୍ରକଳ୍ପ ଗୁଡ଼ିକ କାରଖାନା ମଧ୍ୟରୁ ଉତ୍ପାଦନ ସମୟରେ ବିଷାକ୍ତ ଗ୍ୟାସିୟ ରାସାୟନିକ-ଧୂମ ଚିମିନୀ ଦ୍ୱାରା ବାୟୁମଣ୍ଡଳକୁ ନିର୍ଗତ କରି ବାୟୁ ପ୍ରଦୂଷଣ ଜନିତ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟିକରି ଜୈବ ବିନାଶ ଅନ୍ୟତମ କାରଣ ହୋଇଥାଆନ୍ତି । ପ୍ଲାଷ୍ଟିକ ବ୍ୟବହାର ଜନିତ ପରିବେଶୀୟ ପ୍ରଦୂଷଣ ଜନିତ ସମାସ୍ୟାକୁ ଉପଲବ୍ଧିକରି ମିଳିତ ଜାତିସଂଘ ସହିତ ପୃଥିବୀସ୍ଥ ଅଧିକାଂଶ ଦେଶ ସମୂହ ଏହାର ଉତ୍ପାଦାନ ଏବଂ ବ୍ୟବହାର କ୍ଷେତ୍ରରେ ନାନାଦି କଟକଣା ଜାରି କରିଥାଆନ୍ତି । ଭାରତ ସରକାର ଏହାର ଭୟାବହତା ଉପଲବ୍ଧିପୂର୍ବକ ୧୩.୦୮.୨୦୨୧ ତାରିଖରେ 'ପ୍ଲାଷ୍ଟିକ ଅପ୍ରୟୋଜନୀୟ ପରିଚାଳନା ସଂଶୋଧନ ନିୟମ, ୨୦୨୧' (The Plastic Waste Management Amendment Rules) ଲାଗୁ କରି ଏହାର ବ୍ୟବହାର ରେ କଟକଣା ଜାରି କରିଅଛନ୍ତି । ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଦ୍ରବ୍ୟର ଉତ୍ପାଦନକୁ ନିଷେଧ ଆଦେଶ ୦୧.୦୭.୨୦୨୨ ତାରିଖ ଠାରୁ କଡାକଡି ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଭାରତ ସରକାର ନିର୍ଦ୍ଦେଶ ଜାରି କରିଅଛନ୍ତି ।

ପରିବେଶ ଧ୍ୱଂସକାରୀ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପ୍ରତ୍ୟେକ ସଚେତନ ନାଗରିକ ନିଜର ଦାୟିତ୍ୱ ଉପଲବ୍ଧି କରିବା ଏକାନ୍ତ ଜରୁରୀ । ସୁତରାଂ ପ୍ଲାଷ୍ଟିକ ତଥା ପଲିମର ଦ୍ୱାରା ଉତ୍ପାଦାନ କୁ ସମ୍ପୂର୍ଣ୍ଣ ନିଷେଧ ପୂର୍ବକ ବିକଳ୍ପ ପରିବେଶ ଉପଯୋଗୀ ଜୈବ-ନିମ୍ନୀକରଣ ଯୋଗ୍ୟ କଞ୍ଚାମାଲର ଉପଯୋଜନ ପୂର୍ବକ ପ୍ରାକୃତିକ ସ୍ଥିତାବସ୍ଥାକୁ ପ୍ରଦୂଷଣ ବିମୁକ୍ତ କରିବା ବାଞ୍ଛନିୟ, ଯାହା ମନୁଷ୍ୟ ସହ ସମସ୍ତ ଜୀବଜଗତର କଲ୍ୟାଣ ସାଧନ କରିବାରେ ସମର୍ଥ ହେବ ।

# ସଂସାର ପ୍ରୟୋଗ ଶାଳାର ମଧୁ ନିର୍ଯ୍ୟାସ

## ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି ଏ ସୃଷ୍ଟି ଅମୃତମୟ ହେ !



ଶ୍ରୀମତୀ ମହୀଜା ଦଳବେହେରା
ଆଡ୍‌ଭୋକେଟ୍
ସୀତାନିବାସ, ରାଜାବଗିଚା,
ମୋ-୯୪୩୭୦୬୨୦୦୩

ସଂସାର ଏକ ମନୋଜ୍ଞ ପ୍ରୟୋଗ ଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ ମନେ ହୁଏ। ଏଠାରେ ଜୀବନ ଯାପନ ମାଧ୍ୟମରେ ମନୁଷ୍ୟ ବହୁ ପରୀକ୍ଷା ନିରୀକ୍ଷା ସମୀକ୍ଷା ପରେ ଏକ ସତ୍ୟରେ ଉପନୀତ ହୁଏ ଯେ ଏ ସୃଷ୍ଟି ସତ୍ୟ ଶିବ ସୁନ୍ଦରର ସମାହାର।

ସଂସାର ଏକ ପ୍ରୟୋଗ ଶାଳା ଭାବିବା ବ୍ୟତୀତ ଅନେକ ମନ୍ତବ୍ୟ ଦିଅନ୍ତି ଏହା ଏକ କାରଗାର ବା କଏଦୀ ଖାନା ଯେଉଁଠି ମନୁଷ୍ୟ ଆସେ ଦୁଃଖ ଯନ୍ତ୍ରଣା କେବଳ ଭୋଗିବାକୁ ।

ବାସ୍ତବରେ ସଂସାର ଏକ ପ୍ରୟୋଗ ଶାଳା ଯେଉଁଠି ମନୁଷ୍ୟ ଉଦ୍ୟମ ଏବଂ ଅନୁଭୂତି ମାଧ୍ୟମରେ ବହୁ ଅଭିଜ୍ଞତ ଲାଭ ସହ ଏକ ନିର୍ଭୁଲ ସତ୍ୟର ଉପଲବ୍ଧ କରେ ଯେ ବାସ୍ତବରେ ଏ ସୃଷ୍ଟି ସୁନ୍ଦର ଓ ମଧୁମୟ। ଏହା ଲାର୍ଣ୍ଣିଂ ଆଣ୍ଡ ଡୁଇଂ ମାଧ୍ୟମରେ ଶିକ୍ଷା ବୋଲି ଧରି ନିଆଯାଇ ପାରେ। ଏଭଳି ଶିକ୍ଷାର ସୁଯୋଗ ଏ ସଂସାର ରେ ହିଁ ମନୁଷ୍ୟ ପାଇ ଥାଏ। ପ୍ରଥମ ପ୍ରକାର ତିକ୍ତ ଚିନ୍ତା ଧାରା ମନୁଷ୍ୟକୁ ନୈରାଶ୍ୟ ବିଫଳତା ଆଡକୁ ଟାଣି ନେଇ ଥାଏ। ମନୁଷ୍ୟ ଭାଙ୍ଗି ପଡେ। ଅସଦ୍ ପଥ ବାଛି ନିଏ। ମଦ୍ୟ ମାଂସ ସମ୍ଭୋଗ ତା ପାଇଁ ହୁଏ ଏକାନ୍ତ ପ୍ରୟୋଜନ ଓ ଏହାରି ମାଧ୍ୟମରେ ସେ ସୁଖର ସନ୍ଧାନ ଖୋଜି ଥାଏ। ସୁଖ ଠାରୁ ବଳି ଅନନ୍ତ ଆନନ୍ଦ, ମହାନନ୍ଦ, ପରମାନନ୍ଦ ଯେ ତାର, ରନ୍ଧ୍ରେ ରନ୍ଧ୍ରେ ଭରିରହିଛି ତାହାର ସଂଧାନ ପାଇ ନଥାଏ କିନ୍ତୁ ଜଣେ ମହାନ ଦାର୍ଶନିକ ସଦୃଶ ବହୁ ଦର୍ଶନାତ୍ମକ ଚିନ୍ତା ଧାରାର ଅବତାରଣା କରିଥାଏ।

ଦ୍ୱିତୀୟ ପ୍ରକାର ଚିନ୍ତାଧାର ସକାରାତ୍ମକ ଚିନ୍ତାଧାରା, ଯାହା ମନୁଷ୍ୟକୁ ଉତ୍ସାହ ପ୍ରେରଣା ଆତ୍ମ ବିଶ୍ୱାସ, ଦୃଢତା, ନିଷ୍ଠା ଆଦି ମୂଲ୍ୟ ବୋଧର ଆଦର୍ଶ ଦର୍ଶାଇ ଥାଏ। ସେ ଜୀବନକୁ ଏକ ପୁସ୍ତକ ପରି ପାଠ କରିବା ସହ ସଂସାରକୁ ପ୍ରୟୋଗ ଶାଳା ବୋଲି ଅନୁଭବ କରି ବିଭିନ୍ନ ଅନୁଭୂତିର ସମ୍ମିଶ୍ରଣରେ ସେ ବିଶେଷ ଜ୍ଞାନ ଲାଭ କରି ଘଟଣା ବହୁଳ ଜୀବନରେ ପ୍ରତ୍ୟେକ ଘଟଣାକୁ ସ୍ୱାଭାବିକ ଭାବେ ଗ୍ରହଣ କରିଥାଏ। ତେଣୁ ତା ପାଇଁ ଜୀବନ ବିଶେଷ ଜଟିଳ ମନେ ହୋଇ ନଥାଏ, ବରଂ ଜିଜ୍ଞାସା ଜାଗ୍ରତ ହୋଇଥାଏ।

ସଂସ୍କାରିତ ହେବା ନିମନ୍ତେ ମନୁଷ୍ୟ ବାରମ୍ବାର ସଂସାରକୁ ଆସିଥାଏ। ଆତ୍ମଜ୍ଞାନ ପ୍ରକୃତ ଜ୍ଞାନ, ମନୁଷ୍ୟ ସେଇ ଅଖଣ୍ଡ ଶକ୍ତିର ଏକ ଅଂଶ ବିଶେଷ ଏହାକୁ ଉପଲବ୍ଧ କରି ଜନତା ମଧ୍ୟରେ ଜନାର୍ଦ୍ଦନଙ୍କ ଅନୁଭୂତି ହୋଇ ଥାଏ ତାର ପ୍ରଥମ ଆବଶ୍ୟକ।

ସମଗ୍ର ଆକାଶ ଟିକୁ ଚକ୍ଷୁ ପ୍ରସାରିତ କରି ଦେଖିବା ସମ୍ଭବ ହୋଇ ନଥିଲେ ମଧ ମୁଣ୍ଡ ଉପରେ ଥିବା ଆକାଶର କିଛି ଅଂଶକୁ ଦେଖି ଦୃଢନିଶ୍ଚିତ ହୁଏ ଏକ ପରିବ୍ୟାପ୍ତ ମାନ ଆକାଶ ସମ୍ପର୍କରେ। ସେହି ଭଳି ଏକ ବିସ୍ତୃତ ଜଗତକୁ ଦେଖି ନଥିଲେ ମଧ ନିଜକୁ ଓ ପାର୍ଶ୍ୱସ୍ଥ ପରିବେଶକୁ ଲକ୍ଷ୍ୟ କରି ସେଇ ଅଖଣ୍ଡ ବ୍ୟାପକ ଶକ୍ତିକୁ ଉପଲବ୍ଧ କରି ନିଜକୁ ସେଇ ଅନୁରୂପ ବ୍ୟାପକ କରିଦେବା ବାଞ୍ଛନୀୟ।

ଯଦ୍ୱାରା ସେ ସଂକୀର୍ଣ୍ଣ ପ୍ରେମ ଠାରୁ ଦୂରେଇ ଯାଇ ବ୍ୟାପକ ପ୍ରେମର ପ୍ରତିମୂର୍ତ୍ତିଟିଏ ହୋଇ ଯାଏ, ମାନବତ୍ୱରୁ ମାଧବତ୍ୱକୁ ସେ ଉନ୍ନିତ ହୋଇ ଥାଏ। ଆତ୍ମୋନ୍ନତିର ସମସ୍ତ ସୁବିଧା ସୁଯୋଗ ଏଇ ପୃଥିବୀରେ ଜୀବନ ଧାରଣ ମାଧ୍ୟମରେ ଉପଲବ୍ଧ ହୁଏ।

ବାରମ୍ବାର ଅକୃତ କାର୍ଯ୍ୟ ହୋଇ ଥିବା ଛାତ୍ରଟି ଯେପରି ପୁନଃ ପୁନଃ ସେଇ ଏକ କକ୍ଷରେ ଅଧ୍ୟୟନ କରିବାକୁ ବିବଶ ହୁଏ ଠିକ୍ ସେଇଭଳି ସ୍ୱାର୍ଥ ବିଜଡିତ ମନୁଷ୍ୟ ଟିଏ ମୋକ୍ଷ, ଆଶକ୍ତି ଅହଂକାରରୁ ଜୀବନରେ ବାରମ୍ବାର ଅସଫଳ ହୋଇ ପୁନଃ ପୁନଃ ଧରା ପୃଷ୍ଠରେ ଜନ୍ମ ଗ୍ରହଣ କରିବା ସହ ଦୁଃଖ, ରୋଗ, ଶୋକ ଭୋଗ କରିବାକୁ ବାଧ ହୋଇ ଥାଏ। କୃତି ଛାତ୍ର ହେବାର ସୌଭାଗ୍ୟ ଏଇ ପୃଥିବୀରେ ହିଁ ମିଳିଥାଏ।

ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟରେ ଅନେକ ଗୁଡିଏ ବିଷୟରେ ପଢା ଯାଇ ଥାଏ, ସମସ୍ତଙ୍କୁ ସବୁ ବିଷୟ ଭଲ ଲାଗି ନଥାଏ, ଯେପରିକି ଗଣିତ। କିନ୍ତୁ ଗାଣିତିକ ସମସ୍ୟା ବା କେତୋଟି objective Types ପ୍ରଶ୍ନୋତ୍ତର, ହୁଏତ କେତେ ଜଣଙ୍କୁ ଭଲ ଲାଗି ଥିବା ବେଳେ ଅନ୍ୟ କେତେ ଜଣଙ୍କୁ ଭଲ ଲାଗି ନଥାଏ। ସେମାନେ ବିରକ୍ତି ପ୍ରକାଶ କରିବା ବେଳେ ସମାଧାନ କୌଶଳ ଜାଣି ଥିବା ବ୍ୟକ୍ତିଟି ତାହାକୁ ଚମତ୍କାର କହି ଆଗ୍ରହ ପ୍ରକାଶ କରି ଥାଏ ଓ ତାହାର ଫାଇଦା ଉଠାଇ ଥାଏ। ସେହିଭଳି ସଂସାର ଚକ୍ରରୁ ମୁକ୍ତିର କୌଶଳ ଜାଣିଥିବା ବ୍ୟକ୍ତି ସଫଳ ସମୃଦ୍ଧ ହୋଇ ଥାନ୍ତି ଏବଂ ତାଙ୍କର ଉତ୍କୃଷ୍ଟ ଜୀବନ ସମୟ ଅନୁସାରେ-ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି ଏ ସୃଷ୍ଟି ଅମୃତମୟ ହୋଇଥାଏ।

କର୍ମ ଅନୁସାରେ ବିଳମ୍ବ ହେଉ ବା ତୁରନ୍ତ ହେଉ ଫଳ ଅବଶ୍ୟମ୍ଭାବୀ। ଭଲ ମନ୍ଦ କର୍ମ ଫଳ ଭୋଗିବାକୁ ମନୁଷ୍ୟ ବାରମ୍ବାର ଜନ୍ମ ନେଇଥାଏ। କର୍ମ ଯେତେବେଳେ ଭଲ ମନ୍ଦର ଉର୍ଦ୍ଧ୍ୱକୁ ଚାଲି ଯାଏ, ମନୁଷ୍ୟ ସରଳ ସହଜ ବିଶ୍ରାନ୍ତ ଅବସ୍ଥାକୁ ଚାଲିଯାଏ ଓ କର୍ତ୍ତା ଭାବର ବିଲୁପ୍ତି ଘଟିଥାଏ ସେତେବେଳେ ପାପପୁଣ୍ୟ ଭୋଗା ଭୋଗ ପରିସମାପ୍ତି ଘଟିଥାଏ। ମନୁଷ୍ୟ ମହାତ୍ମା ସ୍ତରକୁ ଉନ୍ନତି ହୋଇ ଥାଏ। ବାରମ୍ବାର ଜନ୍ମ ମୃତ୍ୟୁ ଚକ୍ରରେ ପତନ ହେବାର ଯନ୍ତ୍ରଣାରୁ ନିସ୍ତାର ପାଏ। କାରଣ କର୍ମ ବନ୍ଧନ ଛିନ୍ନ ହୋଇ ଥାଏ।

ଅନେକ ମହାତ୍ମା ଆଜିବି ରହସ୍ୟମୟ ଭାବେ ଏ ସଂସାରକୁ ଆସି ଥାନ୍ତି। ଜଗତର ହିତ ପାଇଁ ସ୍ୱର୍ଗୀୟ ଆଶୀର୍ବାଦର ବାହକ ରୂପେ ସେମାନେ ଭୌତିକ ବ୍ୟବସ୍ଥାଧୀନ ନୁହଁନ୍ତି। ମହାପୁରୁଷମାନଙ୍କ କର୍ମ ସମ୍ପାଦନରେ ସହାୟକ ହେବା ଏମାନଙ୍କର ମୁଖ୍ୟ ଅଭିପ୍ରାୟ ଏବଂ ବିଶ୍ୱର ମଙ୍ଗଳ ସମ୍ପାଦନ ଏମାନଙ୍କର ପ୍ରଧାନ ଉଦ୍ଦେଶ୍ୟ। ଏମାନେ ସୁଖ ଦୁଃଖ ଆନନ୍ଦ ଉଲ୍ଲାସ, ଗ୍ଲାନି, ହର୍ଷ, ବିଷାଦ ଓ ଜୟ ପରାଜୟର ବଳୟ ବାହାରେ ସ୍ଥିର ସମାହିତ ଥାନ୍ତି। ଏମାନେ ନିର୍ଲିପ୍ତ ଭାବେ କର୍ମ ସମ୍ପାଦନ କରି ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଭାରତ ବର୍ଷରେ ଏଭଳି ମହାତ୍ମା ମାନଙ୍କ ସଂଖ୍ୟା କଳ୍ପନା ତୀତ। ଯେପରିକି ମହାବତାର ବାବାଜୀ, ଲାହିଡି ମହାଶୟ, ସ୍ୱାମୀ ଯୁକ୍ତେଶ୍ୱର, ପରମ ହଂସ ଯୋଗାନନ୍ଦ ଓ ଆହୁରି କେତେ କିଏ ଯେଉଁ ମାନେ କି ପୁଣ୍ୟ ଭାରତ ଭୂମିକୁ ମହା ପୁଣ୍ୟାୟିତ କରିଛନ୍ତି। ଯେଉଁ ମାନଙ୍କ ପବିତ୍ର ପ୍ରକମ୍ପନରେ ସମଗ୍ର ବିଶ୍ୱ ପବିତ୍ରାୟିତ ହେଉ ଅଛି। ଯାହାଙ୍କର ପରମ ପାବନ ସାନ୍ନିଧ୍ୟରେ ଭାରତୀୟ ସଂସ୍କୃତି ଚିର ଦେଦୀପ୍ୟମାନ ରହି ଅନ୍ତ ଏବଂ ସେହି ମାନେ ହିଁ ଭାରତ ବର୍ଷକୁ ଦିବ୍ୟ ସ୍ପନ୍ଦିତ ଚେତନାମୟୀ ଭାରତ ମାତା ରୂପେ ଦର୍ଶନ କରନ୍ତି।

ଆଜି ନିଜକୁ ନିଜର ପ୍ରଶ୍ନ ଯେ ଆଉ କେତେ ଦିନ ଆତ୍ମ ପ୍ରହେଳିକାରେ ନିଜକୁ ରଖିବା। ସମୟ ନଷ୍ଟ କରି ଚାଲି ଥିବା ? ସ୍ୱାର୍ଥାନ୍ଧ ହୋଇ ଅନୈତିକ ଉପାୟରେ ଧନ ଧାନ୍ୟ ଠୁଳ କରି, ଯଶ ମାନ ଗୌରବକୁ ଅନ୍ୱେଷଣ କରି କରି, ପ୍ରବଞ୍ଚନା ପଛରେ ଧାଇଁ ଧାଇଁ ଅବଶେଷରେ ଶୂନ୍ୟ ହସ୍ତରେ ଯିବାକୁ ହୁଏ। ତେଣୁ ଅନ୍ତତଃ ଭୌତିକ 'ସମ୍ପତ୍ତି' ଅପେକ୍ଷା ଆଧ୍ୟାତ୍ମିକ 'ସମ୍ବାଦ'ର ଅଭିବୃଦ୍ଧି ଏବଂ ଆତ୍ମଜ୍ଞାନ ହାସଲ କରିବା ବାସ୍ତବରେ ଶ୍ରେୟସ୍କର। ତାହାହିଁ ଚିରନ୍ତନ ଦିବ୍ୟ ସମ୍ପଦ।

ଏ ସଂସାରରେ ଥାଇ ଯଦି ସହଜ ସରଳ ସାଧୁ ଜୀବନ ଯାପନ କରୁ ଏବଂ ଆମର ଜୀବନ ଦର୍ଶନ ହୁଏ 'ପରୋପକାରାୟ ଇଦଂ ଶରୀର' ତେବେ ବାସ୍ତବରେ ବିଶ୍ୱ ପ୍ରୟୋଗ ଶାଳାରୁ ଉପଲବ୍ଧ ମଧୁ ନିର୍ଯ୍ୟାସ 'ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି ଏ ସୃଷ୍ଟି ଅମୃତ ମୟ ହେ ! ଅନୁଭୂତି ଲାଭ କରି ଈଶ୍ୱରଙ୍କ ଠାରେ ବାଧିତ ହେବା।

ସର୍ବେ ଭବନ୍ତୁଃ ସୁଖୀନୋ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ମାର୍ଚ୍ଚ ୨୦୨୪ ବୁଧବାର



# ଖରାଦିନେ କେଶ ଓ ତ୍ୱଚାର ଯତ୍ନ



ଖରାଦିନ ଆରମ୍ଭ ହେଲାଣି। ଏହି ଦିନରେ ତ୍ୱଚା ସହ ଆମ କେଶର ମଧ୍ୟ ସଠିକ୍ ଭାବେ ଯତ୍ନ ନେବା ନିତାନ୍ତ ଆବଶ୍ୟକ। କାରଣ ଏହି ଦିନରେ ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି କାରଣରୁ କେଶ ଉପରେ କୁପ୍ରଭାବ ପଡ଼ିଥାଏ ଏବଂ କେଶ ଶୁଷ୍କ ଓ ରୁକ୍ଷ ହୋଇଯାଏ। ଏପରି କ୍ଷେତ୍ରରେ ଆପଣଙ୍କୁ ନିଜ କେଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଖରାଦିନରେ ଝାଳ ହେତୁ କେଶ ଅଠା ଭଳି ଲାଗିଥାଏ। କିଛି ସରଳ ଉପାୟ ଆପଣାଇ ଆମେ କେଶର ଯତ୍ନ ନେଇପାରିବା।

ଏହି ଦିନରେ ଫଳ ଓ ପନିପରିବା ପ୍ରଚୁର ପରିମାଣରେ ଖାଆନ୍ତୁ। ଏହା ଶରୀର ସହ କେଶକୁ ସୁସ୍ଥ ରଖିଥାଏ। କମଳା, ଅମୃତଭଣ୍ଡା, ଜାମୁକୋଳି ଆଦିରେ ଭିଟାମିନ-ସି ଅଧିକ ପରିମାଣରେ ରହିଛି, ଯାହା କେଶକୁ ଉପଯୁକ୍ତ ପରିମାଣରେ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେଶକୁ ଶୁଷ୍କ ହେବାକୁ ଦେଇନଥାଏ।

ଏମିତି ଶାମ୍ପୁ ବ୍ୟବହାର କରନ୍ତୁ, ଯେଉଁଥିରେ ନିମ୍ବ, କର୍ପୂର, ମନ୍ଦାର, ଘିକୁଆଁରୀ, ଭିଟାମିନ୍-ଇ ଆଦି ରହିଥିବ।

ସାମ୍ପୁ କରିବା ପରେ କେଶରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ଚମକଦାର ରହିବା ସହ ରୁପି ସମସ୍ୟା ମଧ୍ୟ ଦୂର ହେବ।

ଏକ କପ୍ ଗ୍ରିନ୍ ଟି'ରେ କିଛି ବୁନ୍ଦା ପିପରମେଣ୍ଟ, ସିରକା, ଦହି, ଏକ ଚାମଚ ମହୁ ଓ ଲେମ୍ବୁରସ ମିଶାଇ ଲଗାଇହେବ। ଏହି ପ୍ୟାକ୍ ଲଗାଇବା ପୂର୍ବରୁ କେଶକୁ ଷ୍ଟିମ୍ ଦିଅନ୍ତୁ।

ବେସନ ଓ ଦହିକୁ ମିଶାଇ ଏକ ପ୍ୟାକ୍ ତିଆରି କରି ମୁଣ୍ଡରେ ଲଗାନ୍ତୁ। ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ, ତୈଳାଂଶ ଦୂର ହେବ।

ତ୍ୱଚାର ଯତ୍ନ

ଆପଣ ଯେଉଁଆଡ଼େ ବି ଯାଇଥା'ନ୍ତୁ ଘରେ ପହଞ୍ଚିଲା ମାତ୍ରେ ପ୍ରଥମେ ଭଲ ଭାବେ ମୁହଁ ଧୋଇ ସଫା କରି ଦିଅନ୍ତୁ।

ଗୋଟେ ଚାମଚ ବେସନ, ଅଳ୍ପ ହଳଦୀ ଓ ଗୋଟେ ଚାମଚ ଗ୍ରିନ୍ ଟି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ୨୦ ମିନିଟ୍ ପରେ କିଛି ଗୋଲାପ ଜଳକୁ ତୁଳା ସାହାଯ୍ୟରେ ନେଇ ମୁହଁରେ ଲଗାନ୍ତୁ। ଏହାପରେ ଭଲ ଭାବେ ମସାଜ୍ କରି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ଦୂର ହୋଇ ମୁହଁକୁ ସୁନ୍ଦର କରିଥାଏ।

୨ ଚାମଚ କ୍ଷୀରରେ ଅଳ୍ପ ମହୁ ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ୨୦ରୁ ୩୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ୩ ଦିନକୁ ଥରେ ଲଗାଇବା ଦ୍ୱାରା ମୁହଁରେ ବୟସ ବୃଦ୍ଧିର ଛାପ ଜଣା ପଡ଼େନାହିଁ।

ପାଚିଲା ଅମୃତଭଣ୍ଡାକୁ ଭଲ ଭାବେ ଚକଟି ଏଥିରେ ଦହି, ସାମାନ୍ୟ ଲେମ୍ବୁ ରସ, ୨ ଚାମଚ ମହୁ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରି ପାରିବେ। ଏହି ସ୍କ୍ରବ୍‌କୁ ୧୦ ମିନିଟ୍ 'ହଁରେ ଭଲରେ ମାଲିସ୍ କରି କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ। ଏପରି ସପ୍ତାହକୁ ଥରେ କରିବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦେଖାଯାଏ।



## ଚେହେରାର ଦାଗ ଦୂର କରିପାରେ ପଇଡ଼ ପାଣି, ମହୁ, ଆଲୋବେରା ଓ ବେସନ

ବେଳେ ବେଳେ ଶରୀରରେ ଥିବା ଛୋଟିଆ ଦାଗଟିଏ ବି ପୂରା ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥାଏ। କେବଳ ମୁହଁ କାହିଁକି ହାତ, ଗୋଡ଼, ବେକ ଆଦି ବିଭିନ୍ନ ସ୍ଥାନରେ ଥିବା ଦାଗ ଆମ ଚିନ୍ତାର କାରଣ ପାଲଟିଯାଏ। ଘରୋଇ ଉପାୟରେ ବି ଆପଣ ଆପଣଙ୍କ ଶରୀରରେ ଥିବା କଳା କିମ୍ବା ଧଳା ଦାଗକୁ ଛଡ଼ାଇ ପାରିବେ। ସେ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି।

ପଇଡ଼ ପାଣି ସବୁ ପ୍ରକାର ଦାଗ ଛଡ଼ାଇ ପାରେ। ତାହା କଳା ଦାଗ ହେଉ କିମ୍ବା ଧଳା। କଟା ଘା, ପୋଡ଼ା ଚିହ୍ନ ଏବଂ ବ୍ରଣ ଦାଗ ଆଦି ଛଡ଼ାଇବା ପାଇଁ ଆପଣ ପଇଡ଼ ପାଣି ବ୍ୟବହାର କରିପାରନ୍ତି। ପଇଡ଼ ପାଣିକୁ ଏକ ପାତ୍ରରେ ନିଅନ୍ତୁ। ସେଥିରେ ତୁଳା ବୁଡ଼ାଇ ତାହାକୁ ଆପଣଙ୍କ ଦାଗରେ ଲଗାନ୍ତୁ।

ଦାଗ ଛଡ଼ାଇବା ପାଇଁ ଘିକୁଆଁରି ମଧ୍ୟ ଖୁବ ଉପକାରୀ। ଅବଶ୍ୟ ଏହା ଟିକେ ଅଠାଳିଆ ହୋଇଥିବାରୁ ଅନେକ ଲୋକେ ଶରୀରରେ ଘିକୁଆଁରି ଲଗାଇବାକୁ ପସନ୍ଦ କରିନଥାନ୍ତି। ମାତ୍ର ମନେ ରଖନ୍ତୁ ଘିକୁଆଁରି ଲଗାଇବା ଦ୍ୱାରା ଶହେ ପ୍ରତିଶତ ଦାଗ କମିଥାଏ। ସଦ୍ୟ ଘିକୁଆଁରିକୁ ସଙ୍ଗେ ସଙ୍ଗେ ଗଛରୁ ଭାଙ୍ଗି କରି ଆଣନ୍ତୁ। ତାହାକୁ ମଝିରୁ ଭାଙ୍ଗି ଦିଅନ୍ତୁ। ଦେଖିବେ ମଝିରୁ ଏକ ଅଠାଳିଆ ଅଂଶ ବାହାରିବ। ତାହାକୁ ଦାଗ ଥିବା ସ୍ଥାନରେ ଲେପ ଦିଅନ୍ତୁ।

ମହୁ ଗୋଲାପ ଜଳ କେବେ ଲଗାଇଛନ୍ତି ? ଏହା କେବଳ ଦାଗ ଲିଭାଇବା ପାଇଁ ନୁହେଁ ବରଂ ତୋଫାପଣ ପାଇଁ ବି ଜରୁରୀ। ଏକ ଛୋଟ ପାତ୍ରରେ ସାମାନ୍ୟ ମହୁ ନିଅନ୍ତୁ। ସେଥିରେ ସାମାନ୍ୟ ଗୋଲାପ ଜଳ ମିଶାଇ ଦାଗ ଥିବା ସ୍ଥାନ କିମ୍ବା ନିଜ ମୁହଁରେ ଲଗାନ୍ତୁ।

ବେସନ ମଧ୍ୟ ଦାଗ ଛଡ଼ାଇବା ପାଇଁ ଅତ୍ୟନ୍ତ ଭଲ। ଏଥିରେ ଆଉ କିଛି ମିଶ୍ରଣ କରିବା ଆବଶ୍ୟକ ନାହିଁ। ସିଧା ସଳଖ ବେସନରେ ପାଣି ମିଶାଇ ଲେପ ଦିଅନ୍ତୁ। ପ୍ରଭାବ ଆପଣ ନିଜେ ହିଁ ଜାଣିପାରିବେ।

## ଆଜୀବନ ଆଲର୍ଜିର ନୂଆ କାରଣ !



ବେଳେ ବେଳେ ଚର୍ମ କୁଣ୍ଡାଇହେବା ବା ଫଳିଯିବା ପରି ଆଲର୍ଜି ବା ଚର୍ମବିକାର ଦେଖାଯାଇଥାଏ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ, ଏହି ସ୍ୱତନ୍ତ୍ର ଧରଣର ଜୀବକୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍-ଜି' ନାମକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଆଦୌ ଜଡ଼ିତ ନୁହେଁ। ତେବେ ସେହି କୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍-ଇ' ନାମକ ଅନ୍ୟ ଏକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଜଡ଼ିତ।

କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି।

ଏହି ଆଣ୍ଟିବଡିଗୁଡ଼ିକ ଶରୀର ସଂସ୍ପର୍ଶରେ ଆସୁଥିବା ଆଲର୍ଜି ସୃଷ୍ଟିକାରୀ ପରଜୀବୀ ସହ ଲଢ଼ିବାରେ ସାହାଯ୍ୟ କରିବା କଥା, ମାତ୍ର ସେମାନେ ଆଦୌ କ୍ଷତି କରୁନଥିବା ପ୍ରୋଟିନ୍ ପଛରେ ପଡ଼ିଯାଇଥା'ନ୍ତି। ଏହି ଉପକୋଷିକାଗୁଡ଼ିକ ହେଉଛନ୍ତି ଏକପ୍ରକାର ମେମୋରି-ବି କୋଷ, ଯିଏ ଆଲର୍ଜି ସୃଷ୍ଟିକାରୀ ବାହ୍ୟ ଭୂତାଣୁ ଓ ବୀଜାଣୁମାନଙ୍କୁ ମନେ ରଖିଥା'ନ୍ତି। ସେଗୁଡ଼ିକ ଶରୀରରେ ଦୀର୍ଘ ଦିନ ପାଇଁ ଏପରିକି ବର୍ଷ ବର୍ଷ ଧରି ରହିଯାଆନ୍ତି। ଫଳରେ ଆଲର୍ଜି ଦୀର୍ଘ ବର୍ଷ ଧରି ଜାରି ରହିଥାଏ। ଏହି ଗବେଷଣା ଭବିଷ୍ୟତରେ ଆଲର୍ଜି ନିରାକରଣ ପାଇଁ ନୂଆ ଚିକିତ୍ସା ବିକଶିତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



## ଅବସାଦ ଓ ଶରୀର ତାପମାତ୍ରା

ଏକ ଆକଳନ ଅନୁଯାୟୀ, ବିଶ୍ୱର ପ୍ରାୟ ୫ ପ୍ରତିଶତ ଲୋକ ଅବସାଦରେ କାଳ କାଟୁଛନ୍ତି। ଅବସାଦର ଲକ୍ଷଣ ସ୍ୱରୂପ, ସବୁ ଥାଇ କିଛି ନଥିଲା ପରି ମନେ ହୁଏ, ଅନେକ କିଛି କରିବାକୁ ସକ୍ଷମ ଥାଇ ସୁଦ୍ଧା କିଛି କରିବାକୁ ଇଚ୍ଛା ହୁଏ ନାହିଁ। ଅବସାଦର ସଫଳ ଉପଚାର ପାଇଁ ଏହାର ଉତ୍ପତ୍ତିର କାରଣ ଜାଣିବା ଗୁରୁତ୍ୱପୂର୍ଣ୍ଣ। ଅବସାଦର ଲକ୍ଷଣଗୁଡ଼ିକ ସହ ଶରୀର ତାପମାତ୍ରାର ସମ୍ପର୍କ ରହିଛି ବୋଲି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିପାରିଛନ୍ତି। ସାଧାରଣତଃ ଶରୀର ତାପମାତ୍ରା ଅଧିକ ଥିବା ଲୋକଙ୍କ କ୍ଷେତ୍ରରେ ଅବସାଦଗ୍ରସ୍ତ ହେବାର ଆଶଙ୍କା ଅଧିକ ଥାଏ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷେ, ଜଣେ ଥଣ୍ଡା ରହିଲେ ଅବସାଦରୁ ଦୂରେଇ ରହିବାର ସମ୍ଭାବନା ଅଧିକ। ଦୀର୍ଘ ସାତ ମାସ ଧରି ୧୦୬ଟି ଦେଶର ୨୦,୮୮୦ ଜଣ ନାଗରିକଙ୍କ ଠାରୁ ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପୁଷ୍ଟିସାଧନ ପ୍ରକ୍ରିୟା ସହ ଅବସାଦ ଜଡ଼ିତ। ଏହି ପ୍ରକ୍ରିୟାରେ ବଳକା ତାପଶକ୍ତି ନିର୍ଗତ ହେଉଥିବାରୁ ଶରୀରର ତାପମାତ୍ରା ବଢ଼ିଥାଏ। ସେହିପରି ଅବସାଦର ଅନ୍ୟତମ ଲକ୍ଷଣ ହେଲା ମାନସିକ ଚାପରେ ରହିବା, ଯାହା ଶରୀର ତାପମାତ୍ରାକୁ ବଢ଼ାଇଥାଏ। ଗବେଷକମାନଙ୍କ କହିବାନୁସାରେ, ଅବସାଦ ଏକ ଜଟିଳ ତଥା ବହୁମୁଖୀ ଅବସ୍ଥା ହୋଇଥିବାରୁ ତାହାର ଉତ୍ପତ୍ତି ପଛରେ ନାନା କାରଣ ଥାଇପାରେ। ତେଣୁ ଏ ନେଇ ଅଧିକ ଗବେଷଣା ଲୋଡ଼ା ବୋଲି ଗବେଷକମାନଙ୍କ ମତ।



## ବୟସ ବୃଦ୍ଧି ସହ ଏହି ଦିଗ ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ଜୀବନଯାପନ କରି ପାରିବା

ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ।

ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ।

୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ। ମନ ଖୁସି ହେଲେ ପ୍ରତ୍ୟେକ କାମ କରିବାରେ ମନ ଲାଗିବ।



## ମହିଳାଙ୍କ ଚିନ୍ତାର କାରଣ ଏଣ୍ଡୋମେଟ୍ରିଓସିସ୍

ଏଣ୍ଡୋମେଟ୍ରିଓସିସ୍ ହେଉଛି ଏଭଳି ଏକ ସ୍ତ୍ରୀରୋଗ ଯାହା ମହିଳାମାନଙ୍କୁ ଜୀବନ ତମାମ ଅସହ୍ୟ ତଳିପେଟ ଯନ୍ତ୍ରଣା ଦେଇଥାଏ। ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଏହି ରୋଗର ନିରୂପଣ ବିଳମ୍ବିତ ହେଉଥିବାରୁ ସେମାନଙ୍କ ଉପରେ ତାହାର ନକାରାତ୍ମକ ପ୍ରଭାବ ପଡୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନାନୁଯାୟୀ, ବିଶ୍ୱର ପ୍ରାୟ ୧୦ ପ୍ରତିଶତ (ପ୍ରାୟ ୧୯ କୋଟି) ପ୍ରଜନନକ୍ଷମ ବୟସର ମହିଳା ଓ ବାଳିକା ଏହି ରୋଗରେ ପୀଡ଼ିତ। ଏହା ମହିଳାଙ୍କ ଋତୁସ୍ରାବ, ସମ୍ଭୋଗ, ଅନ୍ତନାଳୀ କ୍ରିୟା ଓ ପରିସ୍ରା ବେଳେ ଭୀଷଣ ପେଟ ଯନ୍ତ୍ରଣା ଦେଇଥାଏ। ପୀଡ଼ିତାମାନଙ୍କ ମଧ୍ୟରୁ ୩୦ରୁ ୫୦ ପ୍ରତିଶତଙ୍କ ଠାରେ ବନ୍ଧ୍ୟାଦୋଷ ମଧ୍ୟ ଦେଖାଦେଇଥାଏ। ମହିଳାଙ୍କର ମାସିକ ଋତୁଚକ୍ର ବେଳେ ତଳିପେଟରେ କିଛି ଜୀବକୋଷ ଏଣ୍ଡୋମେଟ୍ରିଆଲ୍ ତନ୍ତୁ ପରି ବଢ଼ିଥା'ନ୍ତି ଏବଂ ପରେ ଭାଙ୍ଗିଯାଇ ବାହାରକୁ ବାହାରି ନପାରିଲେ ସେଠି ରକ୍ତ ଝରାଇଥା'ନ୍ତି। ଋତୁସ୍ରାବ ବେଳେ ରକ୍ତ ବାହାରକୁ ନିଷ୍କାସିତ ହୋଇଥିବା ବେଳେ ଏହି ଏଣ୍ଡୋମେଟ୍ରିଓସିସ୍ ରକ୍ତ କିନ୍ତୁ ଭିତରେ ରହିଯାଇ ଜଳାପୋଡ଼ା କରିବା ସହ ଅନ୍ୟ ତନ୍ତୁକୁ ଫଟାଇଦେଇଥାଏ। ଏହା ହିଁ ଅସହ୍ୟ ଯନ୍ତ୍ରଣାର କାରଣ ହୋଇଥାଏ। ଏହାର କୌଣସି ଉପଚାର କି ନିରାକରଣ ନାହିଁ। କିନ୍ତୁ ଯନ୍ତ୍ରଣା ଓ ଅନ୍ୟାନ୍ୟ ଲକ୍ଷଣର ସୁପରିଚାଳନା ସମ୍ଭବ। ତେବେ ଆମ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଏଣ୍ଡୋମେଟ୍ରିଓସିସ୍ ପରି ରୋଗକୁ ଆଦୌ ପ୍ରାଧାନ୍ୟ ଦିଆଯାଇନାହିଁ।

ଦିଲ୍ଲୀ ସ୍ଥିତ 'ଦି ଜର୍ଜ ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ହେଲ୍‌ଥ ଇଣ୍ଡିଆ', ଭାରତୀୟ ଭେଷଜ ଗବେଷଣା ପରିଷଦ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ କରାଯାଇଥିବା ଏକ ଅନୁଧ୍ୟାନରୁ ଭାରତରେ ପ୍ରାୟ ୪.୩ କୋଟି ମହିଳା ଏହି ରୋଗରେ ଆକ୍ରାନ୍ତ ବୋଲି ଜଣାଯାଇଛି। ତେଣୁ ସରକାର ତାଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଏହି ଦୁଃସାଧ୍ୟ ରୋଗକୁ ଅନ୍ତର୍ଭୁକ୍ତ କରିବା ଲାଗି ପରାମର୍ଶ କରାଯାଇଛି। ଏହି ରୋଗରେ କେବଳ ମହିଳା ପୀଡ଼ିତ ହେଉଥିଲେ ହେଁ ଏହା ମହିଳାଙ୍କ ସମେତ ତାଙ୍କ ପୁରୁଷ ସାଥୀଙ୍କ ଲାଗି ମଧ୍ୟ ମାନସିକ ଓ ଆର୍ଥିକ ଆହ୍ୱାନ ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ଆଗୁଆ ନିରୂପଣ କରିବା ସହ ତାହାକୁ ଜାତୀୟ ସ୍ୱାସ୍ଥ୍ୟ ମିସନ ଅଧୀନ ପ୍ରଜନନ, ମାତୃତ୍ୱ, ନବଜାତ, ଶିଶୁ ଓ କିଶୋର ସ୍ୱାସ୍ଥ୍ୟ (ଆରଏମ୍‌ଏନ୍‌ସିଏଚ୍+ଏ) ଯୋଜନାରେ ସାମିଲ କରିବା ଲାଗି ଆବଶ୍ୟକ ନିୟମାବଳୀ ଜାରି କରିବାକୁ ଗବେଷକମାନେ ସୁପାରିସ କରିଛନ୍ତି।

## ମା' ଜାଗୁଳାଇ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଇଜିଙ୍ଗ ଷ୍ଟାର ଚାମ୍ପିଅନ୍




**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗ୍ରାମପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣରେ ପ୍ରଥମ ଥର ପାଇଁ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ, ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ରବିନ୍ଦ୍ର କୁମାର ଲେଙ୍କା, ଗ୍ରାମ ମୁଖ୍ୟ ବସନ୍ତ କୁମାର ପଲାଇ, ରଶ୍ମୀରଞ୍ଜନ ବେହେରା ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିବରଣ ଉତ୍ସବରେ ନିର୍ମାଣ ଶ୍ରମିକ ତ୍ରିଲୋଚନ ରାଉତ ସମାଜସେବୀ ମନୋରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ ରାଇଜିଙ୍ଗ ଷ୍ଟାର ଓ କୋବ୍ରା ଏକାଦଶ ଟିମ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ କୋବ୍ରା ଏକାଦଶକୁ ହରାଇ ରାଇଜିଙ୍ଗ ଷ୍ଟାର ବିଜୟୀ ହୋଇଥିଲେ। ଅତିଥିମାନେ ବିଜୟୀ ଟିମ୍‌କୁ ଅର୍ଥ ରାଶି ସହିତ ଟ୍ରଫି ଓ ଉପବିଜେତା ଟିମ୍‌କୁ ଟ୍ରଫି ସହିତ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ନାରାୟଣ ପଲାଇ, ବିଶ୍ୱଜିତ କୁଅଁର, ବିଶ୍ୱଜିତ ଦାସ, ସୁସିଲ ପରିଡ଼ା, ତୁଷାର ବିଶ୍ୱାଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଭାଷ୍ୟକାର ଭାବେ ପ୍ରଶାନ୍ତ ମହାନ୍ତି, ପ୍ରେମ ପଣ୍ଡା ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମା' ଜାଗୁଳାଇ କ୍ରିକେଟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ ସାହାଯ୍ୟ ସହଯୋଗ କରିଥିଲେ।

# ଦୁଇ ଦିନରେ ୪ ଖେଳାଳି ଖେଳିବେ ନିଜର ୧୦୦ତମ ଟେଷ୍ଟ

**ନୂଆଦିଲ୍ଲୀ**

ମାର୍ଚ୍ଚ ୭ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଧର୍ମଶାଳାରେ ପଞ୍ଚମ ତଥା ସିରିଜ୍‌ର ଶେଷ ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ଟେଷ୍ଟ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଇଂଲଣ୍ଡର ବ୍ୟାଟର ଜୋନି ବେୟାରଷ୍ଟୋଙ୍କ ପାଇଁ ଐତିହାସିକ ରହିବ। ଧର୍ମଶାଳାର ଏହି ସୁନ୍ଦର ଷ୍ଟାଡିୟମରେ ଏହି ଦୁଇ ଖେଳାଳି ନିଜ ଟେଷ୍ଟ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବେ। କେବଳ ଏତିକି ନୁହେଁ ମାର୍ଚ୍ଚ ୮ ତାରିଖ ଆଉ ଦୁଇ ଖେଳାଳି ଟେଷ୍ଟ କ୍ୟାରିୟରରେ ନିଜର ୧୦୦ତମ ମ୍ୟାଚ୍ ଖେଳିବେ, ଯିଏ ଗୋଟିଏ ଦେଶର ଖେଳାଳି ଅଟନ୍ତି।

ମାର୍ଚ୍ଚ ୭ ତାରିଖରେ ରବିଚନ୍ଦ୍ରନ ଅଶ୍ୱିନ ଓ ଜୋନି ବେୟାରଷ୍ଟୋଙ୍କ ପରେ ମାର୍ଚ୍ଚ ୮ ତାରିଖରେ ନ୍ୟୁଜିଲାଣ୍ଡର ମହାନ ବ୍ୟାଟର କେନ ୱିଲିୟମସନ ଓ ଦଳର ଦ୍ରୁତ ବୋଲର ଟିମ୍ ସାଉଦି ନିଜ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବେ। ମାର୍ଚ୍ଚ ୮ ତାରିଖରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ତଥା ଶେଷ ମ୍ୟାଚ୍ ଖେଳାଯିବ। ଉପରୋକ୍ତ ଚାରି ଖେଳାଳି ୯୯ଟି ଟେଷ୍ଟ ଖେଳି ସାରିଛନ୍ତି।

ଏ ପର୍ଯ୍ୟନ୍ତ ୭୫ ଖେଳାଳି ୧୦୦ କିମ୍ବା ସେଥିରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏବେ ଏହି କ୍ଲବ୍‌ରେ ସାମିଲ ହେବାକୁ ଯାଉଛନ୍ତି ଆର ଅଶ୍ୱିନ, ଜୋନି ବେୟାରଷ୍ଟୋ, ଟିମ୍ ସାଉଦି ଓ କେନ ୱିଲିୟମସନ। ଏହା ପୂର୍ବରୁ ନ୍ୟୁଜିଲାଣ୍ଡର ୪ ଖେଳାଳି ଡାନିଏଲ ଭେଟୋରୀ, ରସ୍ ଟେଲର, ଷ୍ଟିଫେନ ଫ୍ଲେମିଂ ଓ ବ୍ରେଣ୍ଡନ ମ୍ୟାକକୁଲମ ୧୦୦ ଟେଷ୍ଟ ଖେଳି ସାରିଛନ୍ତି। ସେହିପରି ଭାରତର ୧୩ ଖେଳାଳି ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼, ଭିଭିଏସ ଲକ୍ଷ୍ମଣ, ଅନିଲ କୁମ୍ବଲେ, କପିଲ ଦେବ, ସୁନିଲ ଗାଭାସ୍କର, ସୌରଭ ଗାଙ୍ଗୁଲି, ବିରାଟ କୋହଲି, ଇଶାନ୍ତ ଶର୍ମା, ବୀରେନ୍ଦ୍ର ସେହ୍ୱାଗ, ହରଭଜନ ସିଂ ଓ ଚେତେଶ୍ୱର ପୂଜାରା ୧୦୦ କିମ୍ବା ତଦୁର୍ଦ୍ଧ ଟେଷ୍ଟ ଖେଳିଛନ୍ତି।



# ଆଇସିସି ମାସିକ ପୁରସ୍କାର ରେସ୍‌ରେ ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ୍

**ଦୁବାଇ**

ଆଇସିସି ପକ୍ଷରୁ ଫେବୃଆରୀ ମାସର ଶ୍ରେଷ୍ଠ ଖେଳାଳି (ପୁରୁଷ ଓ ମହିଳା) ପୁରସ୍କାର ପାଇଁ ତାଲିକା ଘୋଷଣା ହୋଇଛି। ପୁରୁଷ ତାଲିକାରେ ଟିମ୍ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ୍ ସ୍ଥାନ ପାଇଛନ୍ତି। ତାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍ ଏବଂ ଶ୍ରୀଲଙ୍କାର ପଥୁମ ନିଶଙ୍କା ମଧ୍ୟ ଦୌଡ଼ରେ ରହିଛନ୍ତି।

ତେବେ ଜୈସ୍ୱାଲ୍ ପୁରସ୍କାର ପାଇଁ ଦାବିଦାର ରହିଛନ୍ତି। ସେ ଫେବୃଆରୀ ମାସରେ ୩ଟି ଟେଷ୍ଟ (ଇଂଲଣ୍ଡ ବିପକ୍ଷ) ଖେଳି ୧୧୨ ଆଭରେଜ୍‌ରେ ମୋଟ ୫୬୦ ରନ୍ ସଂଗ୍ରହ କରିଥିବାବେଳେ ସେଥି ମଧ୍ୟରେ ୨ଟି ଦ୍ୱିଶତକ ଅର୍ଜନ କରିଥିଲେ। ରାଜକୋଟ୍ (ତୃତୀୟ) ଟେଷ୍ଟର ଦ୍ୱିତୀୟ ଇନିଂସ୍‌ରେ ଜୈସ୍ୱାଲ୍ ଅପରାଜିତ ୨୧୪ରନ୍ କରିଥିଲେ। ଏହି ଇନିଂସ୍‌ରେ ସେ ୧୪ଟି ଚୌକା ଓ ୧୨ଟି ଛକା ମାରିଥିଲେ। ଏଥିସହ ଗୋଟିଏ ଇନିଂସ୍‌ରେ ସର୍ବାଧିକ ଛକା ରେକର୍ଡ଼ ସହ ସମକକ୍ଷ ହୋଇଥିଲେ।



ସେହିପରି ୱିଲିୟମସନ୍ ୨ଟି ଟେଷ୍ଟ (ଦକ୍ଷିଣ ଆଫ୍ରିକା ବିପକ୍ଷ) ଖେଳି ୨ଟି ଶତକ ସହ ମୋଟ ୪୦୩ ରନ୍ କରିଥିବାବେଳେ ନିଶଙ୍କା ୩ଟି ଦିନିକିଆ ଓ ୩ଟି ଟି-୨୦ (ଆଫଗାନିସ୍ତାନ ବିପକ୍ଷ) ଖେଳି ଯଥାକ୍ରମେ ୩୪୬ ଏବଂ ୯୧ରନ୍ ସଂଗ୍ରହ କରିଥିଲେ। ମହିଳା ପୁରସ୍କାର ତାଲିକାରେ ୟୁଏଇର କବିଶା ଇଗୋଡାଗେ, ଈଶା ଓଜା ଏବଂ ଅଷ୍ଟ୍ରେଲିଆର ଆନାବେଲ ସୁଦରଲାଣ୍ଡ ସ୍ଥାନ ପାଇଛନ୍ତି।

# ଭାରତୀୟ ମହିଳା ଦଳର ପୂର୍ବତନ କୋଚ୍‌ଙ୍କ ଘରେ ଚଢ଼ଉ

**ନୂଆଦିଲ୍ଲୀ**



ଭାରତୀୟ ମହିଳା ଦଳର ପୂର୍ବତନ ପ୍ରଶିକ୍ଷକ ତୁଷାର ଆରୋଠେଙ୍କ ଘରୁ ମିଳିଲା ଟଙ୍କା ଭର୍ତ୍ତି ବ୍ୟାଗ୍ ଭଦୋଦରର ପାଟପଡ଼ଗଞ୍ଜ ପୋଲିସ ତାଙ୍କ ଘରୁ ୧.୧ କୋଟି ଟଙ୍କା ଜବତ କରିଛି। ଏହି ପ୍ରସଙ୍ଗରେ ପୋଲିସ ତୁଷାରଙ୍କୁ ପଚରାଉଚରା କରିଛି। ଏହି ତଦନ୍ତ ସମୟରେ ତୁଷାର ଆରୋଠେଙ୍କୁ ତଦନ୍ତକାରୀ ଟିମ୍ ଅଧିକାରୀଙ୍କୁ ସଠିକ୍ ଉତ୍ତର ଦେଇନଥିଲେ। ଏହା ପରେ ସେହି ଟଙ୍କା ଜବତ କରାଯାଇଥିଲା।

ଭଦୋଦରା ପୋଲିସ ମଧ୍ୟ ତୁଷାର ଆରୋଥେଙ୍କ ସମ୍ପର୍କରେ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛି, ଯେଉଁଥିରେ କୁହାଯାଇଛି ତାଙ୍କ ଘରୁ ମିଳିଥିବା ଟଙ୍କା ସମ୍ପର୍କରେ ସୂଚନା ଦେଇପାରୁ ନାହାନ୍ତି। ଏହି ଟଙ୍କା ଏବଂ ଏହାର ସୋର୍ସ କ'ଣ ତାହା କହିପାରିନାହାନ୍ତି। ଏହି କାରଣରୁ ତାଙ୍କୁ ବର୍ତ୍ତମାନ ପଚରାଉଚରା କରାଯିବ ଏବଂ ଟଙ୍କା ଜବତ କରାଯାଇଛି। ଘରୋଇ କ୍ରିକେଟ କ୍ୟାରିଅରରେ ତୁଷାର ଆରୋଠେଙ୍କ ରହିଛି ଏକ ବଡ଼ ନାଁ। ସେ ଅଲରାଉଣ୍ଡର ଭାବେ ସେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି। ଏହା ବ୍ୟତୀତ ସେ ଭାରତୀୟ ମହିଳା ଦଳର କୋଚ୍ ଘରୋଇ କ୍ରିକେଟରେ ଆରୋଠେ ୧୧୪ ପ୍ରଥମ ଶ୍ରେଣୀ ଏବଂ ୫୧ ତାଲିକା ଏ ମ୍ୟାଚ୍ ଖେଳିଛନ୍ତି। ପ୍ରଥମ ଶ୍ରେଣୀରେ, ଆରୋଥେ ୩୧ ଅର୍ଦ୍ଧ ଶତକ ଏବଂ ୧୩ ଶତକ ସହିତ ୬୧୦୫ ରନ ସଂଗ୍ରହ କରିଛନ୍ତି। ଏହା ବ୍ୟତୀତ ବୋଲିଂରେ ତାଙ୍କ ନାମରେ ୨୨୫ ୱିକେଟ ରହିଛି। ଏହି ତାଲିକାରେ ୧୦୩୭ ରନ ସ୍କୋର କରିବା ବ୍ୟତୀତ ତୁଷାର ଆରୋଠେ ମଧ୍ୟ ତାଙ୍କ ନାମରେ ୩୦ ୱିକେଟ ନେଇଛନ୍ତି।

# ଡବ୍ଲୁପିଏଲ୍-୨୦୨୪ : ୟୁପି ୱାରିଅର୍ସଙ୍କୁ ୨୩ ରନ୍‌ରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ

**ବେଙ୍ଗାଲୁରୁ**

ମହିଳା ପ୍ରିମିୟର ଲିଗ୍ ୨୦୨୪ରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ୟୁପି ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା ଟୁର୍ଣ୍ଣାମେଣ୍ଟର ୧୧ତମ ମ୍ୟାଚ୍। ଏହି ମୁକାବିଲାରେ ରୟାଲ୍ ଚ୍ୟାଲେଞ୍ଜର୍ସ ୨୩ ରନ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରୟାଲ୍ ଚ୍ୟାଲେଞ୍ଜର୍ସ ନିର୍ଦ୍ଧାରିତ ଓଭରରେ ୩ ୱିକେଟ୍ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ୟୁପି ୱାରିୟର୍ସ ୮ ୱିକେଟ୍ ହରାଇ ୧୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ସ୍ମୃତି ମନ୍ଧନା ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ୟୁପି ୱାରିୟର୍ସ ପାଇଁ ଭାରି ପଡ଼ିଥିଲା। ଘରୋଇ ଦଳର ୨ଓପନର ସ୍ମୃତି ମନ୍ଧନା ଓ ଏସ ମେଘନା ପ୍ରାରମ୍ଭରୁ ଆକ୍ରମଣାତ୍ମକ ସଟ୍‌ମାନ ଖେଳି ୫୧ରନ୍ ସଂଗ୍ରହ କରିଥିଲେ। ୨୧ଟି ବଲ୍‌ରୁ ୨୮(୫ଚୌକା) ରନ୍ କରି ମେଘନା ପ୍ରଥମେ ଆଉଟ୍ ହୋଇଥିଲେ। ମାତ୍ର ମନ୍ଧନାଙ୍କୁ ଅଟକାଇବା ୟୁପି ୱାରିୟର୍ସ ବୋଲରଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। ଅନ୍ୟ ପଟରେ ଏଲିସ୍ ପେରୀ ମଧ୍ୟ ଦର୍ଶନୀୟ ସଟ୍‌ମାନ ଖେଳିଥିଲେ। ଉଭୟ ପରବର୍ତ୍ତୀ ୬୪ଟି ବଲ୍‌ରେ ୯୫ ରନ୍ ସଂଗ୍ରହ କରିବା ଫଳରେ ଦଳୀୟ ସ୍କୋର ୧୪୬ରେ ପହଞ୍ଚି ଯାଇଥିଲା। ମନ୍ଧନା ୫୦ଟି ବଲ୍‌ରୁ ୧୦ଚୌକା ଓ ୩ଛକା ବଳରେ ୮୦ ରନ୍ କରିଥିବାବେଳେ ଦୀପ୍ତି ଶର୍ମାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପେରୀ ମଧ୍ୟ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସେ ରିଚା ଘୋଷଙ୍କ ସହ ମିଶି ତୃତୀୟ ୱିକେଟ୍‌ରେ ୪୨ ରନ୍ ଯୋଗ କରିଥିଲେ। ଦଳୀୟ ସ୍କୋର ୧୮୮ ବେଳେ ପେରୀ ବ୍ୟକ୍ତିଗତ ୫୮(୪ଚୌକା, ୪ଛକା) ରନ ପାଭିଲିୟନ ଫେରିଥିଲେ। ରିଚା ଅପରାଜିତ ୨୧ ରନ୍ କରିବା ସହ ଦଳୀୟ ସ୍କୋରକୁ ୧୯୮ରେ ପହଞ୍ଚାଇଥିଲେ। ୟୁପି ୱାରିୟର୍ସ ପକ୍ଷରୁ ଦୀପ୍ତି, ଅଞ୍ଜଳି ସର୍ବାଣୀ ଓ ସୋଫି ଏକ୍କ୍ଲେଷ୍ଟୋନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

୧୯୯ ରନ୍‌ର ଲକ୍ଷ୍ୟ ନେଇ ୟୁପି ୱାରିୟର୍ସ ମଧ୍ୟ ଦମ୍‌ଦାର ବ୍ୟାଟିଂ କରିଥିଲା। ଦୁଇ ଓପନର ଆଲିସା ହିଲି ଓ କିରଣ ନବଗିରେ ୪୭ ରନ୍ ସଂଗ୍ରହ କରିଥିଲେ। କିରଣ ବ୍ୟକ୍ତିଗତ ୧୮(୨ଚୌକା, ୧ଛକା) ରନ୍ କରି ପ୍ରଥମେ ଆଉଟ୍ ହୋଇଥିଲେ। ଏହାପରେ ଦଳ ସହଜ ଆଉ ୩ଟି ୱିକେଟ୍ ହରାଇଥିଲେ ହେଁ ହିଲି ଗୋଟିଏ ପଟେ ବିସ୍ଫୋରକ ବ୍ୟାଟିଂ ଜାରି ରଖି ସ୍ଥିତି ସୁଧାରିଥିଲେ। ଚମରି ଆଟାପଟୁ ୮, ଗ୍ରେସ୍ ହ୍ୟାରିସ୍ ୫ ଓ ଶ୍ୱେତା ସେରାୱତ ୧ରନ କରିଥିଲେ। ହିଲି ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋରକୁ ୧୧୩ରେ ପହଞ୍ଚାଇଥିଲେ। ସେ ୩୮ଟି ବଲ୍‌ରୁ ୫୫(୭ଚୌକା, ୩ଛକା) ରନ କରି ଆଉଟ୍ ହେବା ପରେ ବିପଦ ଘନେଇଥିଲା। ୟୁପି ଲାଇନ ଚ୍ୟୁତ ହୋଇଥିଲା। ମାତ୍ର ନିମ୍ନ ଭାଗରେ ଦୀପ୍ତି ଶର୍ମା ଓ ପୁନମ ଖେମାର ଲଢୁଆ ବ୍ୟାଟିଂ କରି ପରାଜୟ ଏଡ଼ାଇବାକୁ ପ୍ରୟାସ କରିଥିଲେ। ମାତ୍ର ବିଶାଳ ଲକ୍ଷ୍ୟ ଆଗରେ ଉଭୟଙ୍କ ସଂଘର୍ଷ ସଫଳ ହୋଇନଥିଲା। ଶେଷରେ ଦଳୀୟ ସ୍କୋର ୧୭୫ରେ ସୀମିତ ରହିଥିଲା। ଦୀପ୍ତି ୩୩, ପୁନମ୍ ୩୧ ରନ୍ କରି ଆଉଟ୍ ହୋଇଥିଲେ। ରୟାଲ୍ ଚ୍ୟାଲେଞ୍ଜର୍ସ ପକ୍ଷରୁ ସୋଫି ଡିଭାଇନ୍, ସୋଫି ମୋଲିନକ୍ସ, ଜର୍ଜିୟା ୱାରେହାମ ଓ ଆଶା ଶୋଭନା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।



# ମ୍ୟାଚ୍ ଚାଲିଥିଲା ବେଳେ ମୁଣ୍ଡରେ ଆଘାତ ଲାଗି ଚାଲିଗଲା ପାକିସ୍ତାନୀ ଜୁଡୋକାଙ୍କ ଜୀବନ

**କରାଚୀ**

ପାକିସ୍ତାନର ଜଣେ ୨୦ ବର୍ଷୀୟା ଜୁଡୋକା ମୁଣ୍ଡରେ ଆଘାତ ଲାଗି ପ୍ରାଣ ହରାଇଛନ୍ତି। ଖାଇବର ପଖତୁନଖ୍ୱା ଅଞ୍ଚଳର ୨୦ ବର୍ଷୀୟା ଛାତ୍ରୀ ଫିଜା ଶେର ଅଲୀ ଏକ ୟୁଥ୍ ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମରେ ଅଂଶଗ୍ରହଣ କରୁଥିବା ବେଳେ ଏହି ଅଘଟଣ ଘଟିଛି। ମର୍ଦାନରେ ଖେଳା ଯାଉଥିବା ଟୁର୍ଣ୍ଣାମେଣ୍ଟରେ ଛାତ୍ରୀ ଫିଜା ୪୪ କିଗ୍ରା ଓଜନ ବର୍ଗରେ ଭାଗ ନେଇଥିଲେ। ମ୍ୟାଚ୍ ଚାଲିଥିବା ଫିଜାଙ୍କ ମୁଣ୍ଡରେ ଆଘାତ ଲାଗି ଚେତାଶୂନ୍ୟ ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଜଣେ ୧୭ ବର୍ଷୀୟା ମହିଳା ଟେନିସ୍ ଖେଳାଳି ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପାକିସ୍ତାନର ପ୍ରତିଭାବାନ ମହିଳା ଟେନିସ୍ ଖେଳାଳି ୧୭ ବର୍ଷୀୟା ଜେନାବ ଅଲୀ ନକଭୀ ଅଭ୍ୟାସ ସେସନ ପରେ ନିଜ ରୁମ୍‌ରେ ଜେନାବ ବେହୋସ ହୋଇ ପ୍ରାଣ ହରାଇଥିଲେ। ଜେନାବ ଏକ ଆଇଟିଏଫ୍ ଟୁର୍ଣ୍ଣାମେଣ୍ଟ ପାଇଁ ଅଭ୍ୟାସ ସେସନରୁ ଫେରିଥିଲେ। ବେହୋସ ହୋଇଯିବା ଦେଖି ଜେଜେ ମା' ତାଙ୍କୁ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାରତକୁ ମିଳିଗଲା ନୂଆ ହାର୍ଦ୍ଦିକ ପାଣ୍ଡ୍ୟା !



**ନୂଆଦିଲ୍ଲୀ**

ରଣଜୀ ଟ୍ରଫିରେ ମୁମ୍ବାଇ ଖେଳାଳି ତନୁଶ କୋଟିଆନଙ୍କ ଯାଦୁ ଦେଖିବାକୁ ମିଳିଥିଲା। ବ୍ୟାଟିଂ ବ୍ୟତୀତ ଏହି ଯୁବ ଅଲରାଉଣ୍ଡର ବୋଲିଂରେ ଶକ୍ତି ପ୍ରଦର୍ଶନ କରିଥିଲେ। ତନୁଷ କୋଟିୟାନ ସ୍ପିନ ଅଫ ବୋଲିଂ କରୁଥିବାବେଳେ ଜଣେ ଡାହାଣ ହାତୀ ବ୍ୟାଟ୍ସମ୍ୟାନ। ନିକଟରେ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ୧୦ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ତନୁଷ କୋଟିୟାନ ଶତକ ସ୍କୋର କରି ଚର୍ଚ୍ଚାରେ ଥିଲେ। ବର୍ତ୍ତମାନ ରଣଜୀ ଟ୍ରଫି ସେମିଫାଇନାଲରେ ୧୦ ନମ୍ବରରେ ବ୍ୟାଟିଂ କରି ସେ ୮୯ ରନ ସଂଗ୍ରହ କରିଛନ୍ତି।

ଏହି ସିଜିନ୍‌ରେ ରଣଜୀ ଟ୍ରଫିରେ ତନୁଷ କୋଟିୟାନଙ୍କ ବ୍ୟାଟ ଚମତ୍କାର ଚାଲିଛି। ଏହା ବ୍ୟତୀତ ଜଣେ ବୋଲର ଭାବରେ ସେ ବିରୋଧୀ ଦଳର ବ୍ୟାଟ୍ସମ୍ୟାନଙ୍କ ପାଇଁ ଏକ ସମସ୍ୟା ପାଲଟିଛନ୍ତି। ଏହି ସିଜିନ୍‌ରେ ତନୁଷ କୋଟିୟାନ ୯ଟି ମ୍ୟାଚ୍‌ରେ ୪୮୧ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ସାମିଲ ଅଛି। ଏହା ବ୍ୟତୀତ ଏହି ଯୁବ ଅଲରାଉଣ୍ଡର ୫ ଥର ଅର୍ଦ୍ଧଶତକ ହାସଲ କରିଛନ୍ତି। ଚଳିତ ସିଜନରେ ମୁମ୍ବାଇ ପାଇଁ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ତନୁଷ କୋଟିୟାନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଥି ସହିତ ଏହି ସିଜନ୍‌ରେ ତନୁଷଙ୍କ ନାମରେ ୨୨ ୱିକେଟ ରହିଛି। ମୁମ୍ବାଇ ପାଇଁ ସର୍ବାଧିକ ୱିକେଟ ନେଇଥିବା ବୋଲର ତାଲିକାରେ ସେ ତୃତୀୟ ସ୍ଥାନରେ ଅଛନ୍ତି। ପ୍ରକାଶ ଥାଉକି, ନିକଟରେ ହୋଇଥିବା ଆଇପିଏଲ ନିଲାମରେ ତନୁଷ ବିକ୍ରି ହୋଇ ନ ଥିଲେ କିନ୍ତୁ ଘରୋଇ କ୍ରିକେଟରେ ବୋଲିଂ ବ୍ୟତୀତ ବ୍ୟାଟିଂରେ ସେ କିପରି ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି, ପ୍ରଶଂସକମାନେ ବିଶ୍ୱାସ କରନ୍ତି ଯେ ଭାରତ ପରବର୍ତ୍ତୀ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପାଇଛି।

# ବାରଙ୍ଗରେ ନୂତନ ବିଡ଼ିଓଙ୍କ ଯୋଗଦାନ



**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ବାରଙ୍ଗ ପଞ୍ଚାୟତ ସମିତିରେ ସୋମବାର ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ଧର୍ମରଞ୍ଜନ ପଣ୍ଡା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ପଣ୍ଡା ଏହା ପୂର୍ବରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବାରଙ୍ଗରେ ପୂର୍ବରୁ ଥିବା ବିଶ୍ୱରଞ୍ଜନ ବିଶ୍ୱାସଙ୍କୁ ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ବଦଳି ହୋଇଛି। ନୂତନ ଅଧିକାରୀଙ୍କ ଯୋଗଦାନ ପରେ ବ୍ଲକ କର୍ମକର୍ତ୍ତାଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ଓଜେୟୁର ରାଜ୍ୟ କାର୍ଯ୍ୟକାରିଣୀ ଓ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

# ଗଠନମୂଳକ ଲେଖା ସମାଜର ବହୁବିଧ ଉନ୍ନତିରେ ସହାୟକ ହୁଏ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)ର କାର୍ଯ୍ୟକାରିଣୀ ବୈଠକ ଓ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ତିନୋଟି ପର୍ଯ୍ୟାୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଯୋଗ ଦେଇଏକ ଗଠନମୂଳକ ଲେଖା ହିଁ ସମାଜର ବହୁବିଧ ଉନ୍ନତି କରିବାରେ ସହାୟ ହୋଇଥାଏ ବୋଲି କହିଥିବା ବେଳେ ମୁଖ୍ୟ ବକ୍ତାଭାବରେ ବିଜୁପଟ୍ଟନାୟକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ମଦନ ସୁନ୍ଦର କ୍ଷେତି ଯୋଗଦେଇ ବହୁ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଜେୟୁ ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମୀତା ନାଏକ ଏଡିଏମ ଅଞ୍ଜଲିନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶିବଦତ୍ତ ଚନ୍ଦ, ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତ, ପ୍ରମୋଦ କୁମାର ସାହୁ, ଦୁର୍ଯ୍ୟୋଧନ ରାଉତ, ଆଶିଷ ବାବୁ, ପ୍ରଶାନ୍ତ କୁମାର ବାବୁ, ସନ୍ତୋଷ କୁମାର ମିଶ୍ର, ଶଙ୍କର ଦାଶ, ପିନାକୀ ପଣ୍ଡାଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଉପଢ୍ୌକନ ଓ ମୋମେଣ୍ଟୋ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସାମ୍ବାଦିକଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟରେ ଆଲୋକପାତ କରିବା ସହ ଏ ଅବସରରେ ଏକ ସୁସ୍ଥ ସମାଜ ଗଠନରେ ଆଦର୍ଶ ସାମ୍ବାଦିକତା ଶୀର୍ଷକ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ସାମ୍ବାଦିକ ଦିଲ୍ଲୀପ ପାତ୍ର ସଂଯୋଜନା କରିଥିବା ବେଳେ ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ ସଭାରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଂପାଦକ ମହାଦେବ ମଲ୍ଲିକ ସଂଘର ବାର୍ଷିକ ବିବରଣୀ ପଠନ କରିଥିବାବେଳେ ରାଜ୍ୟ ସଂପାଦକ ରାଜକିଶୋର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସଭାରେ ବିଜୁପଟ୍ଟନାୟକ ମହିଳା କଲେଜର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଯଶୋଦା ଦେବୀ ନର୍ସିଂ କଲେଜ ଛାତ୍ରୀମାନେ ସମସ୍ତ ପଞ୍ଜିକରଣ ଆମରେ ସହାୟତା କରିଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦୁର୍ଯ୍ୟୋଧନ ମହାରଣା, ଦୀପକ କୁମାର ନାୟକ, ଡ. ରମଣିରଞ୍ଜନ ଦାସ, ସରୋଜ ସାହୁ, ସୁଶାନ୍ତ ମହାପାତ୍ର ତଥା ରାଜ୍ୟର ସମସ୍ତ ଓଜେୟୁ କର୍ମକର୍ତ୍ତା ଯୋଗଦେଇ ସଂଗଠନର ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ।



# କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି : ୨୪୭ ମାମଲା ପଞ୍ଜିକୃତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ମହକୁମାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା ଅନୀତା ପଟ୍ଟନାୟକ, କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଅଭିଯୋଗ ଶୁଣାଣିରେ ମୋଟ୍ ୨୪୭ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୨୩ ଗୋଟି ସାମୁହିକ ଅଭିଯୋଗ ଏବଂ ୨୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୫ ହଜାର ଟଙ୍କା ୧୦ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡକ୍ରସ୍ ପାଣ୍ଠିରୁ ୪ଜଣ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ୍ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦରେ ଦୁଇ ଦମ୍ପତି ମହେନ୍ଦ୍ର କୁମାର ବେହେରା ଓ ପ୍ରଗତି ବେହେରା ଏବଂ ଭାଗ୍ୟଶ୍ରୀ ସାହୁ ଓ ବିଜୟ ସାହୁଙ୍କୁ ୨ଲକ୍ଷ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରଦାନ କରିଥିଲେ। ସେହିପରି ଭିନ୍ନକ୍ଷମ ସୁରେଶ ଚନ୍ଦ୍ର ରାଉତଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ଯାନ ପ୍ରଦାନ କରିଥିଲେ ଜିଲ୍ଲାପାଳ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାସନ୍‌କାର୍ଡ଼ ପ୍ରଦାନ, ଚିକିତ୍ସା ସହାୟତା, ଇନ୍ଦିରା ଆବାସ ଯୋଜନା, ଜମି ବିବାଦ, ବସୁନ୍ଧରା ଯୋଜନା ଆଦି ଦରଖାସ୍ତ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ଜମି ସମସ୍ୟା, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ, ପାନୀୟ ଜଳ ଯୋଗାଣ ସୁବିଧା, ଶିକ୍ଷାନୁଷ୍ଠାନ ସମସ୍ୟା, ଚେକ୍ ଡ୍ୟାମ୍ ନିର୍ମାଣ, ଗ୍ରାମ୍ୟ ରାସ୍ତା ନିର୍ମାଣ, ନୂତନ ରେଭେନ୍ୟୁ ଗ୍ରାମ ଘୋଷଣା, ଗ୍ରାମ୍ୟ ରାସ୍ତା ଅବରୋଧ ହଟାଇବା, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଆଦି ସମସ୍ୟା ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଏଫ୍.ଏମ୍. ବିଶ୍ୱବିଦ୍ୟାଳୟରେ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତର ସମସ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀ ସଂଘ (ଏଆଇୟୁଇସି)ର 'କାର୍ଯ୍ୟାଳୟ ଧାରକ' ମାନଙ୍କ ଏକ ସାଧାରଣ ବୈଠକ ସହ ଉଚ୍ଚଶିକ୍ଷା ବ୍ୟବସ୍ଥା ଏବଂ ଅଣଶିକ୍ଷକ କର୍ମଚାରୀଙ୍କର ବର୍ତ୍ତମାନର ପରିସ୍ଥିତିରେ ଭୂମିକା ଉପରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଦିନିକିଆ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସଙ୍କ ସହ ସଂଘର ସଭାପତି ଭବାନୀ ଶଙ୍କର ହୋତା, ମୁଖ୍ୟବକ୍ତା ଭାବେ କଲିକତା ସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସିଦ୍ଧାର୍ଥ ଦତ୍ତ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ଘୋଷ, କାର୍ଯ୍ୟକାରୀ ସଭାପତି ଏମ୍.ବି. ସଜ୍ଜନ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଚ୍ଚଶିକ୍ଷା ବ୍ୟବସ୍ଥାର ବର୍ତ୍ତମାନର ପରିସ୍ଥିତି ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ସହିତ ସମସ୍ତ ହିତାଧିକାରୀଙ୍କ ଉପରେ ବିଚାରବିମର୍ଶ କରିବା ପାଇଁ ଏକ ସୁଯୋଗ ଯୋଗାଇବା ଉଦ୍ଦେଶ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଗଠନ, ବାଲେଶ୍ୱର ଦ୍ୱାରା ଏହା ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କର୍ମଚାରୀ ସଂଘକୁ କାର୍ଯ୍ୟକାରିତା ପଦ୍ଧତିର ମେରୁଦଣ୍ଡ କହି ସାଂଗଠନିକ କାର୍ଯ୍ୟକୁ ଉତ୍ସାହିତ କରିଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ସହଯୋଗ ସହ କାମକରିବାର ମନୋଭାବ ରହିବା ଉଚିତ ବୋଲି ନିଜ ଉଦ୍‌ବୋଧନରେ ଉଲ୍ଲେଖ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା କାର୍ଯ୍ୟକ୍ରମର ସମସ୍ତ ସୂଚନା ପ୍ରଦାନ କରିଥିଲେ। ଭାରତର ସମସ୍ତ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀଙ୍କୁ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସାମିଲ ରହିବା ଏବଂ ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି ଅତିଥିଗଣ ନିଜ ଉଦ୍‌ବୋଧନରେ ଏମ୍ପ୍ଲଇଜ କନଫେଡେରେସନର ଅଫିସ ଧାରକ ମାନଙ୍କର ବୈଠକରେ ଦେଶର ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟର କର୍ମଚାରୀ ସଂଘର ପ୍ରତିନିଧି ତଥା ବିଶେଷଜ୍ଞଙ୍କ ଏକ ମିଶ୍ରଣରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଥିଲା। ବୈଠକରେ କର୍ମଚାରୀଙ୍କ ଚାକିରିର ସୁରକ୍ଷା, ସୁବିଧାସୁଯୋଗର ପରିମାଣ, ପଦୋନ୍ନତି, କାର୍ଯ୍ୟର ପ୍ରଣାଳୀ ପରିବର୍ତ୍ତନ ଓ ତତ୍‌ସହ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ତ୍ରିପୁରା, ତେଲେଙ୍ଗାନା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମଣିପୁର, ଆସାମ ଓ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଯୋଗଦେଇଥିଲେ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ମାର୍ଚ୍ଚ ୨୦୨୪ ବୁଧବାର












ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ ଅବସରରେ '୫-ଟି ଓ ନବୀନ ଓଡ଼ିଶା'ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ । (ଫଟୋ : ସମ୍ବାଦ କଳିକା)

# ପଞ୍ଚାୟତିରାଜ ଦିବସ ପାଳିତ : ସାକାର ହେଉଛି ବିଜୁବାବୁଙ୍କ ସ୍ୱପ୍ନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗାଁକୁ ସଶକ୍ତ, ଆତ୍ମନିର୍ଭର ଭାବେ ଗଢ଼ିପାରିଲେ ହିଁ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ଯାହାକୁ ମର୍ମେ ମର୍ମେ ଅନୁଭବ କରିପାରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଗ୍ରାମାଞ୍ଚଳ ଏବଂ ଗ୍ରାମପଞ୍ଚାୟତର ସଶକ୍ତିକରଣ ପାଇଁ ନିଜ ମୁଖ୍ୟମନ୍ତ୍ରିତ୍ୱ ସମୟରେ ବିଜୁ ବାବୁ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମ ପଞ୍ଚାୟତର ବିକାଶକୁ ଏକ ନୂଆ ଉଚ୍ଚତାରେ ପହଞ୍ଚାଇଛନ୍ତି। ପଞ୍ଚାୟତରେ ଏବେ ଡିଜିଟାଲ ଭିତ୍ତିଭୂମିର ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଗାଁ ଗାଁରେ ଏବେ ବ୍ୟାଙ୍କିଙ୍ଗ ସୁବିଧା ବି ମିଳିଛି। ଏପରିକି ପ୍ରତି ଗ୍ରାମରେ ଏବେ ଦକ୍ଷତା ବିକାଶ କେନ୍ଦ୍ରଠାରୁ ଆରମ୍ଭ କରି ବିଜ୍ଞାନ ପାର୍କ ଖୋଲିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟବ୍ୟାପୀ ଗ୍ରାମାପଞ୍ଚାୟତ ବିକାଶ ଏବଂ ରୂପାନ୍ତରଣ ଆରମ୍ଭ ହୋଇଛି ଏବଂ ନୂଆ ଓଡ଼ିଶା ଗଠନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏକଦା ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଗ୍ରାମାଞ୍ଚଳର ଲୋକେ ଯେପରି ବିକାଶର ଗ୍ୟାରେଣ୍ଟି ପାଇବେ, ତାହା ହିଁ ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଛି। ଏକଦା ପଞ୍ଚାୟତସ୍ତରରେ ସାଧାରଣ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ଗ୍ରାମପଞ୍ଚାୟତ ଆୟର ପ୍ରମୁଖ ଉତ୍ସ କେବଳ ଗୋରୁହାଟ, କାଞ୍ଜିଆହୁଦା, ପୋଖରୀ ନିଲାମ ଆଦିରେ ସୀମିତ ଥିଲା। ପଞ୍ଚାୟତସ୍ତରରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତ ସମ୍ପାଦକଙ୍କୁ ଛାଡ଼ିଦେଲେ ଆଉ କୌଣସି ପଦବୀ ନଥିଲା। ଇଣ୍ଟରନେଟର ଅଭାବ, ବ୍ୟାଙ୍କିଙ୍ଗ ସେବାର ଅନୁପସ୍ଥିତି, ଯୋଗାଯୋଗ ବ୍ୟବସ୍ଥାରେ ଦୁରବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟ ମୌଳିକ ସେବା ସଠିକ୍ ଭାବେ ମିଳୁନଥିବାରୁ ଗାଁ ଏବଂ ସହର ମଧ୍ୟରେ ଦୂରତା ବେଶ୍ ବାରି ହୋଇପଡୁଥିଲା। ତେବେ ୨୦୦୦ ମସିହାରେ ଶାସନ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତଗୁଡ଼ିକୁ ସଶକ୍ତ ଏବଂ ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ପାଇଁ ପଣ କରିଛନ୍ତି। ସେବେଠାରୁ ପଞ୍ଚାୟତର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏବେ ଏହା ଏକ ବିଶାଳ ଦ୍ରୁମରେ ପରିଣତ ହୋଇଛି। ପଞ୍ଚାୟତସ୍ତରରେ ସରକାରୀ ଯୋଜନାର ସଠିକ୍ ଏବଂ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର ବ୍ୟାପକ ନିଯୁକ୍ତି ପ୍ରଦାନ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଠାରୁ ଆରମ୍ଭ କରି ଜିଆରଏସ୍, ଯୋଗାଣ ସହାୟକ, ପିଅନ, ପଞ୍ଚାୟତ ଏକାଉଣ୍ଟ ଅଫିସର, ଡାଟା ଏଣ୍ଟ୍ରି ଅପରେଟର, ବ୍ଲକରେ ନିଯୁକ୍ତି ପାଇଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଯାହାର ସୁଫଳ ଏବେ ତୃଣମୂଳସ୍ତରରେ ପରିଲକ୍ଷିତ ହେଉଛି। ସେହିପରି ଗ୍ରାମାଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମାଞ୍ଚଳର ଅର୍ଥନୈତିକ ଚିତ୍ରକୁ ସମ୍ପୂର୍ଣ୍ଣ ବଦଳେଇ ଦେଇଥିବା ବେଳେ ଗ୍ରାମାଞ୍ଚଳର ବିକାଶ ଏବେ ଦୌଡୁଛି। କେବଳ ଏତିକି ନୁହେଁ ପଞ୍ଚାୟତସ୍ତରରେ ଯେପରି ସମସ୍ତ ସୁବିଧା ସୁଯୋଗ ମିଳିପାରିବ ତାହା ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି ନବୀନ ପଟ୍ଟନାୟକ। ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲାକୁ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ' ବସ୍ ସେବା ଯୋଜନା। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ପଞ୍ଚାୟତ ଭିତ୍ତିଭୂମିର ରୂପାନ୍ତରଣ ପାଇଁ ପ୍ରତି ପଞ୍ଚାୟକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଯେଉଁ ପଞ୍ଚାୟତରେ ବ୍ୟାଙ୍କ ସେବା ଉପଲବ୍ଧ ନଥିଲା ସେଠାରେ ରାଜ୍ୟ ସରକାର 'ଆମ ବ୍ୟାଙ୍କ' ଖୋଲିଛନ୍ତି। ଏହି ଯୋଜନାର ୨ଟି ପର୍ଯ୍ୟାୟରେ ଅଦ୍ୟାବଧି ୨୭୫୦ ଆମ ବ୍ୟାଙ୍କ ଶାଖା ଖୋଲିଲାଣି। ବିଜୁ ସେତୁ ବର୍ତ୍ତମାନ ଗାଁ ଗାଁ ମଧ୍ୟରେ ଦୂରତା ହ୍ରାସ କରିପାରିଛି, ସମ୍ପର୍କର ନୂଆ ସେତୁ ଭାବେ ସାବ୍ୟସ୍ତ ହୋଇପାରିଛି। ରୂପାନ୍ତରିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରିତ କରୁଛି। ଗ୍ରାମାଞ୍ଚଳକୁ ମଜବୁତ୍ କରିବା ପାଇଁ ମହିଳାଙ୍କଠାରୁ ଆରମ୍ଭ କରି ଶିଶୁ, ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ଏକାଧିକ ଯୋଜନା ପ୍ରଣୟନ ହେଉଥିବା ବେଳେ ଏହାର ସୁଫଳ ଏବେ କାର୍ଯ୍ୟକ୍ଷେତ୍ରରେ ବେଶ୍ ବାରି ହୋଇପଡୁଛି। ରାଜ୍ୟ ସରକାରଙ୍କ ଅନୁଦାନରେ ବର୍ତ୍ତମାନ ଗାଁ ତୁଠ ଠାରୁ ଆରମ୍ଭ କରି ଶ୍ମଶାନ, ଖେଳ ପଡ଼ିଆ, ରାସ୍ତା ନୂଆ ରୂପ ପାଇଛି। ଗ୍ରାମ ସଡ଼କ ଯୋଜନାରେ ଲୋକେ ପକ୍କା ରାସ୍ତାରେ ଚାଲୁଥିବା ବେଳେ ବିଜୁ ପକ୍କାଘର, ମୋ ଘର ଯୋଜନା ପଞ୍ଚାୟତରେ ଲୋକଙ୍କ ମୁଣ୍ଡରେ ଛାତକୁ ସୁନିଶ୍ଚିତ କରିପାରିଛି। ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସିଛନ୍ତି ଯେ, ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ବିକାଶର ଗ୍ୟାରେଣ୍ଟି ମିଳିବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହିଁ ଆଧୁନିକ ଓଡ଼ିଶାର ପରିଚୟ ହେବ। ରାଜ୍ୟ ସରକାରଙ୍କ କଥା ଏବଂ କାମକୁ ଅନୁଧ୍ୟାନ କଲେ ଗ୍ରାମ ପଞ୍ଚାୟତର ବିକାଶ ଯେ ତୀବ୍ର ବେଗରେ ଦୌଡୁଛି ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ବିକଶିତ...

ଉପଯୋଗୀ ଜଳରେ ପରିଣତ କରାଯିବ । ଏହାଦ୍ୱାରା ଦୈନିକ ୫୦ ଲକ୍ଷ ଲିଟର ପାନୀୟ ଜଳ ମିଳିବ ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଭାରତୀୟ ଅର୍ଥନୀତିକୁ ପ୍ରଧାନମନ୍ତ୍ରୀ ନୂଆ ଗତି ଦେଇଛନ୍ତି। ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇପାରିଛି। ଖୁବ୍ ଶୀଘ୍ର ଏହା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି । ଓଡ଼ିଶାକୁ ଅନେକ ପ୍ରକଳ୍ପ ଭେଟି ଦେଇଥିବାରୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ଓଡ଼ିଶାର ବିକାଶ ପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଚଣ୍ଡିଖୋଲରେ ଆୟୋଜିତ ଭବ୍ୟ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଓଡ଼ିଶାର ସଂକଳ୍ପ କ'ଣ ତାହା ଏହି ସମାବେଶରୁ ଜଣାପଡୁଛି । ଏହି ସଂକଳ୍ପରୁ ଜଣାପଡୁଛି ଅବକିବାର ୪୦୦ ପାର୍। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତକୁ ବିଶ୍ୱର ତୃତୀୟ ବୃହତ ଆର୍ଥିକ ସମୃଦ୍ଧଶାଳୀ ରାଷ୍ଟ୍ର କରିବାର ଅଛି। ୪୦୦ ପାର ସଂକଳ୍ପ ଦେଶରେ ଏକ ମଜବୁତ ସରକାର କରିବାର ଅଛି। ଏହି ସଂକଳ୍ପ, ଋଷୀ, ଯବାନ, ମହିଳାଶକ୍ତି, ଗରିବଙ୍କ ଜୀବନ ବଦଳାଇବା ପାଇଁ ଏଥିରେ ପୂର୍ବ ଭାରତର ଅର୍ଥାତ ଓଡ଼ିଶାର ବଡ଼ ଭୂମିକା ରହିବ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବିଗତ ୧୦ ବର୍ଷ ହେଲା ବିଜେପି ସରକାର ଅଭୁତପୂର୍ବ ନିବେଶ କରୁଛି। ଆମର ଉଦ୍ୟମ ହେଉଛି ଯେ, ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ। ଆତ୍ମନିର୍ଭର ଭାରତକୁ ଓଡ଼ିଶା ଶକ୍ତି ଯୋଗାଉଛି । ଗ୍ୟାସ, ସିଏନଜି ଆଧାରିତ ଯାତାୟତ, ଶିଳ୍ପ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଛି । ଏଠାରୁ ଗ୍ୟାସ ପାଇପଲାଇନ ମାଧ୍ୟମରେ ପୂର୍ବ ଭାରତକୁ ଯୋଡୁଛି। ଟେକ୍ସଟାଇଲ ପାର୍କ ପାଇଁ କଞ୍ଚାମାଲ ଏଠାରେ ଉତ୍ପାଦନ ହେଉଛି । ଅଧିକ ନିବେଶ ଅର୍ଥ ଋକିରି ପାଇଁ ସର୍ବାଧିକ ଅବସର ହୋଇଛି । ବିକାଶ କାର୍ଯ୍ୟ ଯୁବକଯୁବତୀଙ୍କ ଭାଗ୍ୟ ବଦଳାଇବ।

ଜନସଭାରେ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ୨୦୧୪ ପୂର୍ବରୁ କଂଗ୍ରେସ କେବଳ ନିଜ ସିନ୍ଦୁକ ଭରୁଥିଲା। ନିଜ ଦଳ ଓ ନିଜ ପରିବାରର ସମୃଦ୍ଧି କରୁଥିଲା। ଆଜି ବିକାଶ ପାଇଁ ଯେଉଁ ବଡ଼ କାମ ହେଉଛି, ପୂର୍ବରୁ ମଧ୍ୟ ହୋଇପାରିଥାନ୍ତା କିନ୍ତୁ ଏହା ପୂର୍ବରୁ କଂଗ୍ରେସ ଓ ଏହାର ସାଥୀଦଳଗୁଡ଼ିକ ଦେଶକୁ ଲୁଟିବାରେ ବ୍ୟସ୍ତ ଥିଲେ। କଂଗ୍ରେସ ସରକାର କୋଇଲା ଲୁଟିଥିଲେ। ଗରିବଙ୍କୁ ଖାଦ୍ୟ ଦେବା ପାଇଁ କେମିତି ଚିନ୍ତା କରିଥାନ୍ତେ ? ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟି ଆଣ, ଋଷୀ ଋଣ ପାଇଁ ଗ୍ୟାରେଣ୍ଟି ଆଣ ବୋଲି କଂଗ୍ରେସ କହୁଥିଲା। କଂଗ୍ରେସ ସରକାରରେ ୟୁରିଆ ଦୁର୍ନୀତି ହୋଇଥିଲା ସେହି ସରକାର ଋଷୀଙ୍କ ଚିନ୍ତା କେମିତି କରିଥାନ୍ତା ? ଋଷୀଙ୍କୁ ଶସ୍ତାରେ ୟୁରିଆ ମିଳିପାରୁ ନଥିଲା କଂଗ୍ରେସ ନିଜ ପରିବାର ପାଇଁ କାମ କରୁଥିଲା ନିଜ ପୁଅ, ନାତି, ଅଣନାତି ପାଇଁ କାମ କରୁଥିଲା। କିନ୍ତୁ ମୋଦି ଦେଶ ପାଇଁ କାମ କରୁଛି । ଦେଶର ଭବିଷ୍ୟତ ପିଢି ପାଇଁ କାମ କରୁଛି । ଇଣ୍ଡିଆ ମେଣ୍ଟର ଲକ୍ଷ୍ୟ ହେଲା ମୋଦି ସରକାରକୁ ହଟାଇବା। କିନ୍ତୁ ଭାରତକୁ ବିଶ୍ୱର ତୃତୀୟ ଶକ୍ତିଶାଳୀ ରାଷ୍ଟ୍ର କରିବାର ଲକ୍ଷ୍ୟ ରଖିଛି ମୋଦୀ ସରକାର । ଏଥି ପାଇଁ ମୁଁ ସବୁବେଳେ କହୁଛି, ମେରା ଭାରତ ମେରା ପରିବାର ଅର୍ଥାତ ମୋର ଭାରତ ହେଉଛି ମୋର ପରିବାର।

ଗରିବର ପୁଅ ହେଉଛି ନରେନ୍ଦ୍ର ମୋଦି। ଗରିବଙ୍କ ସବୁଠାରୁ ବଡ଼ ଗ୍ୟାରେଣ୍ଟି ମୋଦି ହେବ। ଓଡ଼ିଶାରେ ଅନେକ ଅନୁସୂଚିତ ଜନଜାତି ଅଛନ୍ତି, ଯାହାଙ୍କୁ ମୋଦି ପିଏମ ଜନମନ ଯୋଜନା ମାଧ୍ୟମରେ ରୋଜଗାର ଦେଇଛି । ଏକଦା ଗରିବଙ୍କ ପାଇଁ ଯାହା ସ୍ୱପ୍ନ ଥିଲା, ଏବେ ତାହା ଅଧିକାର ହୋଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆପଣଙ୍କର ଉତ୍ସାହ ମୋତେ କାମ କରିବାକୁ ଅଧିକ ବଳ ଯୋଗାଇବ । ଓଡ଼ିଶା ଭଗବାନ ସୂର୍ଯ୍ୟଦେବଙ୍କ ଭୂମି । ସୂର୍ଯ୍ୟଦେବଙ୍କ ପ୍ରେରଣାରେ ମୋଦି ଏକ ଗ୍ୟାରେଣ୍ଟି ଦେଉଛି । ମାଗଣାରେ ବିଦ୍ୟୁତ ଦେବା ପାଇଁ ଯୋଜନା ଆରମ୍ଭ କରିଛି। ବିଜେପି ସରକାର ପିଏମ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା ଆରମ୍ଭ କରିଛି । ଘରର ଛାତ ଉପରେ ସୋଲାର ପ୍ୟାନେଲ ଲଗାଇ ୩୦୦ ୟୁନିଟ ଉତ୍ପାଦନ କରିପାରିବେ। ଋଷୀମାନେ ଋଷଜମିରେ ସୋଲାର ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ କରିପାରିବେ। ଭଗବାନଙ୍କ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ବିନା କୌଣସି ମନୁଷ୍ୟକୁ ଆଗକୁ ବଢ଼ିବାରେ ସୁଯୋଗ ମିଳିପାରିବ ନାହିଁ। ମାଗଣାରେ ରାସନରେ ମିଳୁଛି କି ନାହିଁ ସମାରୋହରେ ଉପସ୍ଥିତ ଥିବା ଦର୍ଶକଙ୍କୁ ପଋରିଥିଲେ। ଗରିବଙ୍କୁ ରାସନ ଆଗାମୀ ୫ ବର୍ଷ ଯାଏଁ ମିଳିବ। ପ୍ରତି ଘରକୁ ପାଣି ପହଞ୍ଚାଇବା ପାଇଁ ଆମେ କାମ କରୁଛୁ। ଦେଶରେ ମହିଳା ସଶକ୍ତିକରଣ ପାଇଁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଆରେ ଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ବିଜୁବାବୁଙ୍କ ଆଜି ଜୟନ୍ତୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଆଜି ଓଡ଼ିଶା ମାଟିରେ ସୁଯୋଗ ମିଳିଛି। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ଅପରାଜିତା ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

## ମାଳଦ୍ୱୀପର ନୂଆ...

ଉପ-ନିର୍ଦ୍ଦେଶକ ମେଜର ଜେନେରାଲ ଝାଙ୍ଗ ବାଓକୁନଙ୍କୁ ଭେଟି ଥିଲେ।

ତେବେ ମାଳଦ୍ୱୀପ ପକ୍ଷରୁ ନୂତନ ପ୍ରତିରକ୍ଷା ସହଯୋଗ ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରାଯାଇ ନାହିଁ । ମାଳଦ୍ୱୀପ ରାଷ୍ଟ୍ରପତି ମଇଜ୍ଜୁ ତାଙ୍କ ଦେଶରୁ ଭାରତୀୟ ସେନାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ମାର୍ଚ୍ଚ ମେ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରିଛନ୍ତି । ଏପରିସ୍ଥଳେ ସୈନ୍ୟମାନଙ୍କ ସ୍ଥାନ ନେବା ପାଇଁ ଭାରତୀୟଙ୍କ ପ୍ରଥମ ବେସାମରିକ ଦଳ ମାଳଦ୍ୱୀପ ପହଞ୍ଚିଛନ୍ତି।

ପୂର୍ବରୁ ଜିୟାଙ୍ଗ ୟାଙ୍ଗ ଝାଙ୍ଗ-୩ ନାମକ ଚୀନ ଜାହାଜ କୁ ସଦସ୍ୟ ଅଦଳବଦଳ ପାଇଁ ମାଳଦ୍ୱୀପରେ ଅଟକି ରହିଥିଲା। ଏନେଇ ମାଳଦ୍ୱୀପ ପକ୍ଷରୁ ଆବଶ୍ୟକ ଅନୁମତି ମଧ୍ୟ ପ୍ରଦାନ କରାଯାଇଥିଲା। ଏହାର କିଛି ଦିନ ପରେ ଚୀନ ସୈନ୍ୟଙ୍କର ଏକ ପ୍ରତିନିଧିମଣ୍ଡଳ ମାଳଦ୍ୱୀପ ଯାତ୍ରା କରିଥିଲେ।

## ମାଲକାନଗିରିରେ...

ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବେ। ଏହି ଯୋଜନା ନୂଆ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଏହାସହ ମଙ୍ଗଳବାରଠୁ ନବୀନ ମ୍ୟାଜିକ କାର୍ଡର ଶୁଭାରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଏଥିପାଇଁ ପଞ୍ଜିକରଣ କରିପାରିବେ। ଏହି ନୂଆ-ଓ ମ୍ୟାଜିକ କାର୍ଡ ବିଷୟରେ କହିଛନ୍ତି ୫-ଟି ଅଧ୍ୟକ୍ଷ। ଏହି କାର୍ଯ୍ୟ ଜରିଆରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୁବିଧା ମିଳିବ। ଯେଉଁ ଛାତ୍ରଛାତ୍ରୀ ଅଧିକ ସଂଖ୍ୟାରେ ଆକ୍ଟିଭିଟିରେ ଭାଗନେବେ, ସେହି ଅନୁସାରେ କାର୍ଡର ରିଋର୍ଜ ପରିମାଣ ବଢ଼ିବ। ଯେଉଁ କାର୍ଡ ଅଧିକ ପଏଣ୍ଟ ଆଣିବ, ସେହି ଅନୁସାରେ, ଛାତ୍ରଛାତ୍ରୀ ଅଭିଭାବକ ଓ ସଂପୃକ୍ତ କଲେଜକୁ ସମ୍ବର୍ଦ୍ଧିତ କରାଯିବ।

ଛାତ୍ରଛାତ୍ରୀଙ୍କ କ୍ୟାରିୟର କ୍ଷେତ୍ରରେ ମଧ୍ୟ ଏହି କାର୍ଯ୍ୟ ସହାୟକ ହେବ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ। ନୂଆ ଓ ସଶକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛନ୍ତି ସରକାର। ଏଥିଲାଗି ରାଜ୍ୟ ପ୍ରଶାସନକୁ ୨୦୩୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଟାର୍ଗେଟ ଦେଇଛନ୍ତି । ୧୦ ବର୍ଷରେ ଓଡ଼ିଶାକୁ ସବୁ ଦିଗରୁ ସଶକ୍ତ କରିବାକୁ ଲକ୍ଷ୍ୟ ରହିଛି । ଲକ୍ଷ୍ୟ ହାସଲରେ ଯୁବକଙ୍କ ଭୂମିକା ହେବ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ବଜେଟର ଏକ ବଡ଼ ଭାଗ ଯୁବ ବଜେଟ ପାଇଁ ବିନିଯୋଗ ହେବ। ଯୁବକଙ୍କ ସବୁ ସ୍ୱପ୍ନକୁ ସାକାର କରିବେ ରାଜ୍ୟ ସରକାର। ଯୁବ ଶକ୍ତିକୁ ସାମର୍ଥ୍ୟ ଯୋଗାଇବାକୁ ଏବେଠୁ କାମ ଆରମ୍ଭ ହୋଇଛି । ରାଜ୍ୟର ୬ହଜାର ୮୫୦ ହାଇସ୍କୁଲର ହୋଇଛି ରୂପାନ୍ତରୀକରଣ। ଯୁବକ ଯାହା ସ୍ୱପ୍ନ ଦେଖିବ, ତାକୁ ସାକାର କରିପାରିବ।

## ସରକାରୀ ନିଯୁକ୍ତି ...

କ୍ଷେତ୍ରରେ ମଧ୍ୟ ଦିଆଯାଇଛି ଗୁରୁତ୍ୱ । ୫-ଟି ଉପକ୍ରମରେ ପ୍ରତିଯୋଗିତା ମୂଳକ ପରୀକ୍ଷାଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଉଛି। ଆଗରୁ ନିଯୁକ୍ତି ପରୀକ୍ଷା ପ୍ରତିବର୍ଷ ହେଉନଥିଲା । ଏବେ ପଦୋନ୍ନତି ନିୟମିତ ହେଉଥିବାରୁ ମୂଳ ପଦବୀରେ ଖାଲି ସ୍ଥାନ ସୃଷ୍ଟି ହେଉଛି । ଫଳରେ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ, ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ନୂଆ ନିଯୁକ୍ତି ପରୀକ୍ଷା ନିୟମିତ କରାଯାଉଛି। ଖାଲି ସେତିକି ନୁହେଁ, ଏବର ନିଯୁକ୍ତି ସ୍ୱଚ୍ଛତାର ସହ ହେବା ସହ ଦକ୍ଷ କର୍ମଋରୀ ଋକିରି ପାଉଛନ୍ତି ।

## ପ୍ରବାଦ ପୁରୁଷ ବିଜୁ ...

ଏବେ ମଧ୍ୟ ଆମକୁ ବାଟ ଦେଖାଉଛି । ଆସନ୍ତୁ ସେହି ବିକାଶ ପୁରୁଷଙ୍କ ଅବଦାନକୁ ମନେ ପକାଇ ଓଡ଼ିଆ ଜାତୀୟତାର ପରିଚୟକୁ ଆହୁରି ଗୌରବାନ୍ୱିତ କରିବା। ନୂଆ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିବା। ବିଜେଡି ପାର୍ଟି ଅଫିସରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ବିଜେଡିର ବରିଷ୍ଠ ନେତା ଓ କର୍ମୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଜୁ ବାବୁଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଅବସରରେ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିଭଳି ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡିର ବରିଷ୍ଠ ନେତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ବିଧାୟକ ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।

## ଡାଇବେଟିସ...

ଲାଗି ପ୍ରସ୍ତୁତି ଆରମ୍ଭ କରିଛି। ଏହା ଅନ୍ତର୍ଗତ ଭାରତ ଏବଂ ଫ୍ରାନ୍ସର ପ୍ରୟୋଗଶାଳାରେ ଡାଇବେଟିସର ଆନୁବଂଶିକ କାରକ ଚିହ୍ନଟ କରିବା ଲାଗି ବିଭିନ୍ନ ଗବେଷଣା କରିବେ। ଆଇସିଏମଆର ଅନୁସାରେ ଭାରତରେ ସମ୍ପ୍ରତି ୧୦ କୋଟିରୁ ଅଧିକ ଲୋକ ଡାଇବେଟିସ ସମସ୍ୟାରେ ଆକ୍ରାନ୍ତ ହୋଇଛନ୍ତି ।୨୦୪୫ ସୁଦ୍ଧା ଏହି ସଂଖ୍ୟା ବୃଦ୍ଧି ପାଇ ୧୨.୪୦ କୋଟିରୁ ଅଧିକ ହେବାର ଆଶଙ୍କା ରହିଛି । ଅଧ୍ୟୟନ ଅନୁସାରେ ଗତ ୪୦ ବର୍ଷ ମଧ୍ୟରେ ଭାରତରେ ଡାଇବେଟିସ ରୋଗୀଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ହୋଇଛି। ଫ୍ରାନ୍ସରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ବଢ଼ିଛି। ତେଣୁ ଭାରତ ଫ୍ରାନ୍ସ ମିଳିତ ଭାବେ ଏହି ସମସ୍ୟାର ଆନୁବଂଶିକ କାରକ ଚିହ୍ନଟ ନେଇ ଗୁରୁତ୍ୱାରୋପ କରାଯାଉଛି। ଆନୁବଂଶିକ କାରକ ଚିହ୍ନଟ ହେବାପରେ ଏହାର ଚିକିତ୍ସା ଅଧିକ ସହଜ ହୋଇପାରିବ ବୋଲି କୁହାଯାଉଛି। ଭାରତରେ ଏହି ରୋଗୀଙ୍କ ସଂଖ୍ୟା ଲଗାତାର ବଢ଼ିଋଲିଥିବାବେଳେ ଫ୍ରାନ୍ସରେ ଏହା ଏକ ମହାମାରୀର ରୂପ ନେବାରେ ଲାଗିଛି । ଏହା ଦ୍ୱାରା ଫ୍ରାନ୍ସର ଏକ ବୃହତ ଜନସଂଖ୍ୟା ଆକ୍ରାନ୍ତ ହୋଇଛନ୍ତି। ବ୍ୟସ୍ତବହୁଳ ଜୀବନ ଶୈଳୀରେ କେତେକ ପରିବର୍ତ୍ତିତ ଆଚରଣ ଆପେଣଇବା ଦ୍ୱାରା ଏହି ସମସ୍ୟା ବଢ଼ିବାରେ ଲାଗିଛି।

## ଆସନ୍ତା ସପ୍ତାହରୁ ...

ହେବ ସେହି ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକ ଠାରୁ କମ ରହିବ। ବାକି ପାଗ ଶୁଖିଲା ଥିବା ଜିଲ୍ଲା ଗୁଡିକରେ ତାପମାତ୍ରା ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ଅଧିକ ରହିବ। ଏହାସହ ୫୦ ରୁ ୬୦ ପ୍ରତିଶତ ହ୍ୟୁମିଡିଟି ରହିବ। ଫଳରେ ଅସହ୍ୟ ଗରମ ଗୁଳୁଗୁଳି ହେବାର ସମ୍ଭାବନା ରହିଛି । ୯ ତାରିଖ ପର୍ଯ୍ୟନ୍ତ ଏଭଳି ଭାବରେ ବିଭିନ୍ନ ଜିଲ୍ଲାରେ ହାଲୁକା ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେବେ ୧୨ ତାରିଖ ଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ବଢ଼ିବ। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାତି ବଢ଼ିବ।

# ବେଦାନ୍ତ ପକ୍ଷରୁ କ୍ୟାନସର ଚିହ୍ନଟ ଓ ଭିନ୍ନକ୍ଷମଙ୍କୁ ସହାୟତା

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**
ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ, ଭାରତର ଅଗ୍ରଣୀ ମେଟାଲଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ କ୍ୟାନସର ଚିହ୍ନଟ ଓ ନିରାକରଣ ସଚେତନତା ଏବଂ ଭିନ୍ନକ୍ଷମ ସହାୟତା ଲାଗି ଏକ ସପ୍ତାହ ବ୍ୟାପୀ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲା । ଓଡ଼ିଶାର ଏହି ଶିବର ନିକଟବର୍ତ୍ତୀ ଗୋଷ୍ଠୀର ୬୦୦ରୁ ଅଧିକ ବାସିନ୍ଦା ଏହାଦ୍ୱାରା ଉପକୃତ ହୋଇଥିଲେ । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ରୋଗକୁ ହ୍ରାସ କରିବା ଓ ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ ମାଗଣା ଓ ଗୁଣମାନର ସ୍ୱାସ୍ଥ୍ୟସେବାକୁ ସୁଗମ କରିବା ଲକ୍ଷ୍ୟରେ ବେଦାନ୍ତ କାର୍ଯ୍ୟ କରୁଛି । ଏହି ପଦକ୍ଷେପ ୭୫,୦୦୦ ଲୋକଙ୍କ ପାଖରେ ପହଁଚିଛି । ନିକଟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ




ଶିବିରରେ ଦୁଇଟି ପ୍ରମୁଖ ଅଭିଯାନ ଅନ୍ତର୍ଭୁକ୍ତ ଥିଲା- କ୍ୟାନସର ନିରାକରଣ ଅଭିଯାନ, ଯାହା ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ ହସ୍ପିଟାଲ ଓ ଅନୁସନ୍ଧାନ ସଂସ୍ଥା ସହଯୋଗରେ କରାଯାଇଥିଲା । କ୍ୟାନସର ନିରାକରଣ ଓ ସମୟ ଅନୁସାରେ ଚିହ୍ନଟ ଓ ଯତ୍ନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ଦ୍ୱିତୀୟତଃ ଜୟପୁରଫୁଟ ଏକ ବେସରକାରୀ ସଂସ୍ଥାଙ୍କ ସହଯୋଗରେ ଏକ ଭିନ୍ନକ୍ଷମ ଶିବିର ପରିଚାଳନା କରାଯାଇଥିଲା ଯେଉଁଥିରେ ପ୍ରସଥେଟିକ ସାହାଯ୍ୟ ଓ ଉପକରଣ ଗୁଡ଼ିକୁ ଚିହ୍ନଟ ଓ ବଣ୍ଟନ କରାଯାଇଥିଲା। ବେଦାନ୍ତ ଲାଞ୍ଜିଗଡ଼ର ପଦକ୍ଷେପ ଏହାର କାର୍ଯ୍ୟକ୍ଷେତ୍ରରେ ଜୀବନଶୈଳୀକୁ ଉନ୍ନତ କରିବା ଲାଗି ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବିକାଶ ପ୍ରତି ଧ୍ୟାନ ଦିଆଯାଉଛି । ଯେଉଁଥିରେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ଓ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା (ଏସଡିଜି୩) ଅନ୍ତର୍ଭୁକ୍ତ । ବେଦାନ୍ତ ଲିମିଟେଡର ସିଇଓ- (ଆଲୁମିନା ବ୍ୟବସାୟ), ଶ୍ରୀ ପ୍ରଣବ କୁମାର ଭଟାଚାର୍ଯ୍ୟ କମ୍ପାନିର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇ କହିଛନ୍ତି ଯେ- ଆମେ ଏହା ଦୃଢ ଭାବେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିରେ ପ୍ରମୁଖ ଅଟେ । ବେଦାନ୍ତ ଲାଞ୍ଜିଗଡ଼ରେ ଗୋଷ୍ଠୀ କଲ୍ୟାଣ ଉପରେ ସକାରାତ୍ମକ ପ୍ରଭାବ ପକାଇବ, ଏଥିପାଇଁ ଆମେ ଉତ୍ସର୍ଗକୃତ । ଏହି ପଦକ୍ଷେପ ମାଧ୍ୟମରେ ଆମେ ସମାଜର ଅଣ ସଂରକ୍ଷିତ ଅଞ୍ଚଳରେ ସାମୁହିକ ସ୍ୱାସ୍ଥ୍ୟ ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛୁ । ଯାହା ଆମ ସମୃଦ୍ଧିର ପଥ ପରିଷ୍କାର କରିବ ବୋଲି ସେ କହିଛନ୍ତି।

## ଆନନ୍ଦ ଭବନରେ ଫଟୋଚିତ୍ର ପ୍ରଦର୍ଶନୀ

# ଦେଖିବାକୁ ମିଳିଲା ବିଜୁ ବାବୁଙ୍କ ନୀତି, ଆଦର୍ଶ ଓ ଜୀବନର ଝଲକ

**କଟକ, ନ୍ୟୁଜ ବ୍ୟୁରୋ**
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମ ଜୟନ୍ତୀ । ଏହି ଅବସରରେ ତାଙ୍କ ଜନ୍ମମାଟି କଟକର ଆନନ୍ଦ ଭବନରେ ବିଶେଷ ଆୟୋଜନ । ସହରର ବୁଦ୍ଧିଜୀବୀ, ସ୍ଥାନୀୟ ବ୍ୟକ୍ତି ଓ ପ୍ରଶାସନ ବିଜୁ ବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନ ଆସି ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହ ବିଜୁ ବାବୁଙ୍କର ନୀତି, ଆଦର୍ଶକୁ ଯୁବପିଢ଼ିମାନଙ୍କ ଭିତରେ ବଞ୍ଚାଇ ରଖିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି । ସେପଟେ ଆନନ୍ଦ ଭବନରେ ଚଳିତ ବର୍ଷ ହୋଇଥିବା ଏକ ଫଟୋଚିତ୍ର ପ୍ରଦର୍ଶନୀ ବିଜୁ ବାବୁଙ୍କ ନୀତି, ଆଦର୍ଶ ଓ ଜୀବନର ଝଲକ ଦେଖାଉଛି । ତେବେ ବିଜେଡି ପକ୍ଷରୁ ଆଜି ପୁଣି ବିଜୁ ବାବୁଙ୍କୁ ଭାରତ ରତ୍ନ ଦେବାର ଦାବି ଦୋହରାଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କଟକର ଆନନ୍ଦ ଭବନରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଜୀବନର ପ୍ରତ୍ୟେକ ପାହାଚରେ ତାଙ୍କର ଉପଲବ୍ଧି ମାଇଲ ଖୁଣ୍ଟ ପରି ଛିଡା ହୋଇଛି । ଯେଉଁଥି ପାଇଁ ଆନନ୍ଦ ଭବନ ଥିବା ଅଞ୍ଚଳଟି ବିଜୁ ପଟ୍ଟନାୟକ ଛକ ଭାବେ ବେଶ୍ ଜଣାଶୁଣା । ପାଇଲଟ୍ ଭାବେ ବିଷମ ପରିସ୍ଥିତିରେ ଭାରତୀୟ ସୈନ୍ୟଙ୍କୁ ନେଇ କାଶ୍ମୀର ଘାଟିରେ ଓହ୍ଲାଇବା, ନିଜ ଡାକୋଟା ହେଲିକପ୍ଟରରେ ଯାଇ ଡଚ୍ ଶତ୍ରୁଙ୍କ କବଳରୁ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାର କରି ଆଣିବା ଆଉ ରାଜନୀତିରେ ରହି ମଧ୍ୟ ସାଲିସ ନକରି ସତକୁ ସତ କହିବାର କଲିଜା ରଖୁଥିବା ଏହି ମହାନ୍ ଆତ୍ମାଙ୍କର ଜୀବନ କୌଣସି ଦୁଃସାହସିକ ଯାତ୍ରାର କାହାଣୀଠାରୁ କିଛି କମ୍ ନୁହେଁ । ଆଜି ତାଙ୍କର ୧୦୮ତମ ଜନ୍ମ ତିଥିରେ ତାଙ୍କ ଦୁଃସାହସିକ ଜୟଯାତ୍ରାର ଚିତ୍ର ଗୁଡିକୁ ନେଇ ଆନନ୍ଦ ଭବନରେ ଏକ ସୁନ୍ଦର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହି ପ୍ରଦର୍ଶନୀ ତାଙ୍କ ଜୀବନର ଅନେକ ଅଭୁଲା କଥା ଆଉ କାହାଣୀକୁ ବର୍ଣ୍ଣନା କରୁଥିଲା, ଯାହାକୁ ମନେ ରଖି ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି ନେତା ଆଉ ପ୍ରଶାସକ । ଖାସ୍ ତାଙ୍କରି ବୀରତ୍ୱକୁ ମନେ ପକାଇବା ପାଇଁ ଆଜିକୁ ୨୩ ବର୍ଷ ହେବ ଏହି ଦିନରେ ଆନନ୍ଦ ଭବନ ନିକଟରୁ ମାରାଥନ୍ ଓ ୱାକାଥନ୍ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି ।ଯେତେବେଳେ ଦେଶରେ ଶିଳ୍ପାୟନ କଥା କେହି ଚିନ୍ତା ବି କରିପାରୁନଥିଲେ, ସେତେବେଳେ ଚୌଦ୍ୱାରରେ ନିଜ ପଇସାରେ ବୟନ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ହେଉ ବା ୧୯୩୪ ମସିହାରେ କଟକରୁ ପେଶାୱର ସାଇକେଲ ଯାତ୍ରା ସେସବୁର ମୁକ ସାକ୍ଷୀ ହୋଇ ଛିଡାହୋଇ ରହିଛି ଏଇ ଆନନ୍ଦ ଭବନ । ଏଭଳି ଜଣେ ବିରାଟ ବ୍ୟକ୍ତିତ୍ୱ ଆଜି ପର୍ଯ୍ୟନ୍ତ କିଭଳି ଭାରତ ରତ୍ନ ଉପାଧିରୁ ବଞ୍ଚିତ ହୋଇ ରହିଲେ, ତାକୁ ନେଇ ବିଜେଡି ପୁଣି ପ୍ରଶ୍ନ ଉଠାଇଛି ।

## ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ସଲିଳ ସମାଧି

**ଭଦ୍ରକ, ନ୍ୟୁଜ ବ୍ୟୁରୋ**
ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅଧିନ କୋରିଗାଁର ନାଉରିଗଡ଼ିଆରେ ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ସଲିଳ ସମାଧି ଘଟିଛି। ମୃତ୍ୟୁ ଘଟିଥିବା ଦୁଇ ନାବାଳକ ପଞ୍ଚମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି। ସେମାନେ ହେଲେ ଗାଁର ଅଲେଖ ବିଶ୍ୱାଳଙ୍କ ପୁଅ ହେମନ୍ତ ବିଶ୍ୱାଳ ଓ ବାସୁଦେବ ବିଶ୍ୱାଳଙ୍କ ପୁଅ କାର୍ତ୍ତିକ ବିଶ୍ୱାଳ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-DPT-MPT-23-24-33
କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ବିଭିନ୍ନ BG କୋଚ୍ କମ୍ପୋନେଣ୍ଟସ୍ (Components) ଗୁଡିକର ଡାଇ ପେନିଟ୍ରେସନ୍ ଟେଷ୍ଟ (DPT) ଏବଂ ମାଗ୍ନେଟିକ୍ ପାର୍ଟିକଲ ଟେଷ୍ଟ (MPT) ।
ବିଜ୍ଞାପିତ ମୂଲ୍ୟ (₹): 29,12,903.52, EMD (₹): 58,300/-, ଶେଷ ହେବା ଅବଧି: 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.06.03.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.03.2024ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର
PR-1144/O/23-24

# ଇମ୍ଫା ପକ୍ଷରୁ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ




**ଥେରୁବାଲି, ନ୍ୟୁଜ ବ୍ୟୁରୋ**
ଇମ୍ଫା କାରଖାନା ପରିସରରେ ୫୪ ତମ ଜାତୀୟ ସୁରକ୍ଷା ଦିବସ/ସପ୍ତାହର ପାଳନ ହୋଇଯାଇଛି। ରାୟଗଡ଼ା ସ୍ଥିତ ଓଡ଼ିଶା ସରକାରଙ୍କ କାରଖାନା ବାଷ୍ପିତ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ବେଉରା ସୁରକ୍ଷା ପତାକା ଉତ୍ତୋଳନ କରି ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସମବେତ ଶ୍ରମିକ ଓ କର୍ମଋରୀମାନଙ୍କୁ ସୁରକ୍ଷା ଶପଥ ପାଠ କରାଇବା ସହ ପ୍ରତ୍ୟେକ ମଣିଷ ଜୀବନରେ ସୁରକ୍ଷା ଏକ ପ୍ରମୁଖ ଅଙ୍ଗ ହୋଇଥାଏ। ତେଣୁ ସମସ୍ତେ ସୁରକ୍ଷା ପ୍ରତି ସଜାଗ ରହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ଏବଂ କହିଥିଲେ ଯେ ଦିନର ଶେଷରେ ଆମର ମୂଳ ଲକ୍ଷ୍ୟ ସୁରକ୍ଷା ଓ ନିରାପତ୍ତା ହେବା ଆବଶ୍ୟକ। ଯାହାକି ସତର୍କ ରହିଲେ ଏହା ସରଳ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଇମ୍ଫା ଥେରୁବାଲିର ଉପ-ସଭାପତି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଏହି ଅବସରରେ ଉପସ୍ଥିତ ଶ୍ରମିକ ଓ କର୍ମଋରୀମାନଙ୍କୁ ଦୈନନ୍ଦିନ ଜୀବନରେ ସୁରକ୍ଷାର ଆବଶ୍ୟକତା ଉପରେ ବୁଝାଇଥିଲେ ଏବଂ କହିଥିଲେ ମନୁଷ୍ୟ ଜୀବନକୁ ସୁରକ୍ଷିତ ରଖିବା ଠାରୁ ଅନ୍ୟ କୌଣସି କାମ ଗୁରୁତ୍ୱପୂର୍ଣ୍ଣ ହୋଇ ନପାରେ। ଏହି ଅବସରରେ ଉପସ୍ଥିତ ଶ୍ରମିକ, କର୍ମଋରୀ ଓ ବିଭିନ୍ନ ବିଭାଗର ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଏକ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ । ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଆସନ୍ତା ୧୦ ମାର୍ଚ୍ଚ ୨୦୨୪ ଯାଏ ପାଳିତ ହେବ। ଏହି ଅବସରରେ ଶ୍ରମିକ ଓ କର୍ମଋରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ସହ ଉଦ୍‌ଯାପନ ଉତ୍ସବରେ ସୁରକ୍ଷା ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷିତ ହେବ ବୋଲି ସୁରକ୍ଷା କମିଟି ସୂଚନା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ମୁଖ୍ୟ ପ୍ରଦ୍ୟୁମ୍ନ ଆର୍ଯ୍ୟ ସଂଯୋଜନା କରିଥିବା ବେଳେ ଇମ୍ଫା କାର୍ମିକ ଓ ପ୍ରଶାସନିକ ବିଭାଗର ବରିଷ୍ଠ ପରିଋଳକ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ବାଦ କଳିକା The Sambad Kalika RNI Regd. No. : 52640/94 Postal Regd. No. : BN/60/22-24 ଭୁବନେଶ୍ୱର ୦୬ ମାର୍ଚ୍ଚ ବୁଧବାର, ୨୦୨୪












# ଜୀବନ ବଞ୍ଚାଇଲା ବିଏସ୍‌କେୱାଇ କାର୍ଡ

**ବଲାଙ୍ଗୀର, ୫/୩ ନ୍ୟୁଜ ବ୍ୟୁରୋ**

ଜୀବନ ବଞ୍ଚାଇଲା ବିଏସ୍‌କେୱାଇ କାର୍ଡ। ଆର୍ଥିକ ଦୁର୍ବଳବର୍ଗର ଲୋକଙ୍କ ପାଇଁ ଦେବଦୂତ ପାଲଟିଛି ଏବେ ଏହି କାର୍ଡ । ଓଡ଼ିଶାର ଦୂରଦୂରାନ୍ତରୁ ଗରିବ ଲୋକ ଉଭୟ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଥିବା ସୁପରସ୍ପେସାଲିଟି ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ପାଇ ବହୁ ଜଟିଳ ରୋଗରୁ ଭଲ ହେଉଛନ୍ତି । ବିଏସ୍‌କେୱାଇ କାର୍ଡରେ ଓଡ଼ିଶା ବାହାରେ ଚିକିତ୍ସିତ ହୋଇପାରିଛନ୍ତି ବଲାଙ୍ଗୀର ଜିଲ୍ଲା ପୌରାଞ୍ଚଳ ୭ ନମ୍ବର ୱାର୍ଡର ପ୍ରଭାତ କୁମାର ରାଉତ। ପାକସ୍ଥଳୀ ଏବଂ ଛାତିରେ ପାଣି ଜମିବା, ଅଣନିଶ୍ୱାସୀ ହେବା ଆଦି ଗୁରୁତର ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ ସେ। ବିଏସ୍‌କେୱାଇ କାର୍ଡ ବଳରେ ବିଶାଖାପାଟଣା ମେଡିକଭର ହସ୍ପିଟାଲରେ ହେଲା ଅତ୍ୟାଧୁନିକ ଚିକିତ୍ସା। ଫେବୃୟାରୀ ୮ରେ ବିଏସ୍‌କେୱାଇ କାର୍ଡ ବଳରେ ତାଙ୍କୁ ଆଡମିସନ ମିଳିଲା। ପରୀକ୍ଷା ନିରୀକ୍ଷାରୁ ତାଙ୍କର ଲିଭର ସିରୋସିସ ହୋଇଥିବା ଜଣାପଡ଼ିଲା। ଅତ୍ୟାଧୁନିକ ପଦ୍ଧତିରେ ତାଙ୍କର ଅପରେସନ ହୋଇଥିଲା। ଫେବୃୟାରୀ ୨୯ ତାରିଖ ଦିନ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କର ଚିକିତ୍ସା କରିଥିବା ଡାକ୍ତର ଶିବଶଙ୍କର ଦଳେଇ କହିଛନ୍ତି, ବିଏସ୍‌କେୱାଇ କାର୍ଡ ବ୍ୟବସ୍ଥା ପାଇଁ ଆମେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛୁ ।

ପ୍ରକାଶ ପାଇବାକୁ ଯାଉଛି...

'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋସ୍ନା ସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| | |
|---|---|
| ଯୋଗାଯୋଗ କରନ୍ତୁ<br>ପ୍ରସାର ପରିଚାଳକ 'କଥାକଳିକା'<br>କୋଡ୍ ନଂ – (୦୬୭୪)<br>୨୫୪୧୪୪୮, ୨୫୪୫୦୪୬,<br>ଫାକ୍ସ : ୨୫୪୫୬୬୮<br>E-mail: kathakalika@gmail.com | ପୃଷ୍ଠା–୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।<br>'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।<br>କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ) |


# ବିଜୁଙ୍କ ଭଳି ସାହସୀ ଓ ଦୃଢ଼ମନା ହୁଅ: ଡ. ଅଚ୍ୟୁତ ସାମନ୍ତ

**ଫୁଲବାଣୀ,୫ ।୩, ନ୍ୟୁଜ ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭଳି ସାହାସୀ ଓ ଦୃଢ଼ମନା ହେବାକୁ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଜେଡ଼ି ପକ୍ଷରୁ ମଙ୍ଗଳବାର କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି । ସାଂସଦ ଡ.ସାମନ୍ତ ମଙ୍ଗଳବାର ସକାଳେ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଗଣଦୌଡ଼କୁ ସେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ବିଜେଡ଼ି କନ୍ଧମାଳ ପର୍ଯ୍ୟବେକ୍ଷକ ବିଜୟ ନାୟକ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କର୍ଣ୍ଣ, ଜିଲ୍ଲା ମହିଳା ବିଜେଡ଼ି ସଭାପତି ଅନିମା କହଁର ଓ ରାଜ୍ୟ ମହିଳା ବିଜେଡ଼ି ସାଧାରଣ ସମ୍ପାଦକ ପୁନମ୍ କହଁର ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜି. ଉଦୟଗିରି ନିର୍ବାଚନମଣ୍ଡଳୀ ବିଜେଡ଼ି ପକ୍ଷରୁ ଜି. ଉଦୟଗିରି ଶ୍ରୀରାମପଦା ମିନି ଷ୍ଟାଡ଼ିୟମ୍‌ରେ





ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ମହା ସମାରୋହରରେ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ସାଂସଦ ଡ. ସାମନ୍ତ ଯୋଗ ଦେଇଥିଲେ। ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଡ. ସାମନ୍ତ କହିଲେ, ବିଜୁବାବୁ ଜଣେ ଅତି ସାହସୀ ଓ ଦୃଢ଼ମନା ବ୍ୟକ୍ତି ଥିଲେ । ସେ ଯାହା ଚିନ୍ତା କରୁଥିଲେ ତାହାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ । ସେ ସବୁବେଳେ ଓଡ଼ିଶା ଓ ଓଡ଼ିଆଙ୍କ ବିକାଶ କଥା ଚିନ୍ତା କରୁଥିଲେ । ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା । ବିଜୁବାବୁଙ୍କ ଭଳି ପ୍ରତ୍ୟେକ ଓଡ଼ିଆ ଯୁବକ ସାହସୀ ଓ ଦୃଢ଼ମନା ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ସେ ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ । ବିଜେଡ଼ି ନେତା ଟୁନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ଟିକାବାଲି ବ୍ଲକ ଅଧ୍ୟକ୍ଷ, ଦାରିଙ୍ଗିବାଡ଼ି ବ୍ଲକ ଅଧ୍ୟକ୍ଷ, ବିଜେଡ଼ି ବାଲିଗୁଡ଼ା ଏନ୍ଏସି ସଭାପତି ପି. ସଞ୍ଜୀବ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରୁ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ପରେ ସାଂସଦ ଡ. ସାମନ୍ତ ଘୁ. ଉଦୟଗିରି ବ୍ଲକରେ ନୂତନ ପଞ୍ଚାୟତ ଅଫିସ୍ ଓ ଆଇସିଡ଼ିଏସ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍କୁଟି ଯୋଜନାରେ ମହିଳାମାନଙ୍କୁ ସ୍କୁଟି ପାଇଁ ଚେକ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ମିଶନ୍ ଶକ୍ତି ସଭାପତି କୁମୁଦିନୀ ଦିଗାଲ, ଘୁ. ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ଓ ବିଡ଼ିଓ ମନୋଜ କୁମାର ଦେବତା ପ୍ରମୁଖ ଉପସ୍ଥିତ ଥିଲେ । କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବାଲିଗୁଡ଼ାଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ଡ. ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ୪ଟି ବ୍ଲକର କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ।

## ନାଲ୍‌କୋରେ ମ୍ୟାନେଜମେଣ୍ଟ ଶିକ୍ଷାକେନ୍ଦ୍ରର ଶୁଭାରମ୍ଭ

# ଲଜିଷ୍ଟିକ୍ସ କ୍ଷେତ୍ରରେ ବଢୁଥିବା ଦକ୍ଷତାର ଆବଶ୍ୟକତାକୁ ପୂରଣ କରିବ : ଧର୍ମେନ୍ଦ୍ର

**ଅନୁଗୋଳ, ୫/୩ ନ୍ୟୁଜ ବ୍ୟୁରୋ**

ଅନୁଗୋଳସ୍ଥିତ ନାଲ୍‌କୋ ଟ୍ରେନିଂ ଇନଷ୍ଟିଚ୍ୟୁଟଠାରେ ଆଇ.ଆଇ.ଏମ ମୁମ୍ବାଇ ଓ ଆଇ.ଆଇ.ଏମ ସମ୍ବଲପୁରର ମିଳିତ ସହଯୋଗରେ ପରିଚାଳିତ ଏକ ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ନାଲ୍‌କୋ ସିଏମଡି ଶ୍ରୀଧର ପାତ୍ର ଉପସ୍ଥିତ ଥିଲେ। ନିଜର ଅଭିଭାଷଣରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅନୁଗୋଳ ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ ଏବଂ କୋଇଲା ଉତ୍ପାଦନ ନିମନ୍ତେ ଏହା ଜଣାଶୁଣା। ଏହି କ୍ରମରେ ଏଠାକାର ରାସ୍ତା ଏବଂ ରେଳ ଭିତ୍ତିଭୂମିର ବିକାଶ କରାଯାଉଛି। ନୂଆକରି ଖୋଲିଥିବା ଏହି ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ର ପି.ଏମ. ଗତିଶକ୍ତି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଛି। ଡିଜିଟାଇଜେସନ ମାଧ୍ୟମରେ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳକୁ ପ୍ରୋତ୍ସାହିତ କରିବା ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ଅଞ୍ଚଳର ଶିଳ୍ପ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହେବ ଦ୍ୱାରା ଲଜିଷ୍ଟିକ୍ସ କ୍ଷେତ୍ରରେ



ଆବଶ୍ୟକୀୟ ବିକାଶ ହୋଇପାରିବ। ଅନୁଗୋଳସ୍ଥିତ ନାଲ୍‌କୋ କ୍ୟାମ୍ପସରେ ସ୍ଥାପିତ ଏହି ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ର ଆମ ରାଜ୍ୟର ଲଜିଷ୍ଟିକ୍ସ ସେକ୍ଟର ପାଇଁ ଆବଶ୍ୟକ କୌଶଳର ଚାହିଦା ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର କେବଳ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଓଡ଼ିଶାର ସମସ୍ତ ଶିଳ୍ପସଂସ୍ଥା ନିମନ୍ତେ ଲାଭଦାୟକ ହେବ। ଉଲ୍ଲେଖଯୋଗ୍ୟ ଯେ, ଏହି ପରିଚାଳନା କେନ୍ଦ୍ର ଲଜିଷ୍ଟିକ୍ସ ଏବଂ ଅପରେସନ୍ ଉପରେ ତିନି ଏବଂ ଛଅ ମାସର ପାଠ୍ୟକ୍ରମ ପ୍ରଦାନ କରିବ। ଏହା ଏକ ବର୍ଷର କାର୍ଯ୍ୟନିର୍ବାହୀ ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ମଧ୍ୟ ପ୍ରଦାନ କରିବ। ସମୟ ସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ର ନୂତନ ପାଠ୍ୟକ୍ରମ ମଧ୍ୟ ପ୍ରଚଳନ କରିବ। ଆଇ.ଆଇ.ଏମ ମାନଙ୍କ ଦ୍ୱାରା ଶିଳ୍ପ ସଂସ୍ଥା ଗୁଡ଼ିକ ସହ ବିଚାର ବିମର୍ଶ ମାଧ୍ୟମରେ ପାଠ୍ୟକ୍ରମର ବିଷୟବସ୍ତୁ ସ୍ଥିର କରାଯାଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଗ୍ରଣୀ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ମଧ୍ୟରେ ନାଲ୍‌କୋ ଏବଂ ଏମସିଏଲ ଅନ୍ୟତମ। ଏମସିଏଲ ପକ୍ଷରୁ ପୂର୍ବରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହ ଏହି ପାଠ୍ୟକ୍ରମ ପାଇଁ ପ୍ରତ୍ୟେକ ବ୍ୟାଚରେ ୪୦ ଜଣ କାର୍ଯ୍ୟନିର୍ବାହୀ ଚୟନ କରାଯାଇଛି। ସେହିଭଳି ନାଲ୍‌କୋ ପକ୍ଷରୁ ଶ୍ରେଣୀଗୃହ, କାର୍ଯ୍ୟାଳୟ, ରହିବା ଏବଂ ଲଜିଷ୍ଟିକ୍ସ ଯୋଗାଇବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆଗାମୀ ୨୫ ବର୍ଷ ମଧ୍ୟରେ ଦେଶକୁ ବିକଶିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକାଶର ସମସ୍ତ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି। ଖଣି ନୀତିରେ ସଂସ୍କାର ହେତୁ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲା ଲାଭବାନ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ବିଜୁବାବୁଙ୍କ ଜୟନ୍ତୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫଟୋ ପ୍ରଦର୍ଶନୀ



**ଭୁବନେଶ୍ୱର, ୫/୩ ନ୍ୟୁଜ ବ୍ୟୁରୋ**

ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମବାର୍ଷିକୀ ଅବସରରେ ଫଟୋ ପ୍ରଦର୍ଶନୀ। ଭୁବନେଶ୍ୱର ଜୟଦେବ ଭବନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀ କରାଯାଇଛି। ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ ଏହି ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ବୁଲି ଦେଖିଛନ୍ତି। ଏହି ପ୍ରଦର୍ଶନୀରେ ବିଜୁ ବାବୁଙ୍କର ବିରଳ ଫଟୋ ପ୍ରଦର୍ଶିତ କରାଯାଇଛି। ବିଶେଷ କରି ଦୁସାହାସିକ ପାଇଲଟ, ପରିବାର ଗହଣରେ ବିଜୁବାବୁଙ୍କ ଫଟୋ ଦେଖିବାକୁ ମିଳିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ବିଜୁ ବାବୁ କିଭଳି କାମ କରୁଥିଲେ, ପାରଦ୍ୱୀପ ବନ୍ଦର ଉଦ୍ଘାଟନର ସମୟ, ତେଲ ନଦୀ ସେତୁ ଉଦ୍ଘାଟନ, ୧୯୯୨ରେ କଳିଙ୍ଗ ବାଲିଯାତ୍ରା ଶୁଭାରମ୍ଭ, ରାଜ୍ୟ ରାଜନୀତିରେ ବିଜୁବାବୁ, ବିଜୁବାବୁଙ୍କ ଅନ୍ତିମ ଯାତ୍ରାର ଫଟୋ, ଡାକ ଟିକଟରେ ବିଜୁବାବୁ, ଖବରକାଗଜର ଶିରୋନାମାରେ ବିଜୁବାବୁ ଏହାସହ ବିଜୁବାବୁ କିଭଳି ସରଳ ଜୀବନ ବିତାଉଥିଲେ ତାହାର ଫଟୋ ପ୍ରଦର୍ଶନ କରାଯାଇଛି। ଆଗାମୀ ପିଢି ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଅଧିକ ଜାଣିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଏହି ଫଟୋ ପ୍ରଦର୍ଶନୀ କରାଯାଇଛି।